# କମାଲ କଲେ ବଲିଉଡ୍, ଓଲିଉଡ୍ କଳାକାର



କ୍ରୋମ ନଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବାର ପ୍ରଧାନୀମାନଙ୍କ ସହିତ ସମସ୍ତ ଗାଁ ମୁଖିଆଙ୍କୁ ସମ୍ମାନିତ କରାଯାଇଛି।

## କ୍ରୋମନଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

କାଳିଆପାଣି,୧୧।୧(ଅସିତ ମହାନ୍ତ): ସୁକିନ୍ଦା ରାଜତନ୍ତ୍ର ଶବର ସଂସ୍କୃତିକୁ ନେଇ ବଳିଷ୍ଠ। ଏହି ସଂସ୍କୃତିକୁ ଉଜ୍ଜୀବିତ କରିବା ଓ ଏହି ପଲ୍ଲୀ ସୌରିକ ଅଞ୍ଚଳର ଯୁବ ସମାଜକୁ ନିଜର ଗୌରବମୟ ଇତିହାସ ସହିତ ପରିଚିୟ କରିବା ଲକ୍ଷ୍ୟରେ ଶନିବାର କ୍ରୋମ ନଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବାର ପ୍ରଧାନୀମାନଙ୍କ ସହିତ ସମସ୍ତ ଗାଁ ମୁଖିଆଙ୍କୁ ସମ୍ମାନିତ କରାଯାଇଛି। ଆଜିବି ପଲ୍ଲୀ ସୌରିକ ଅଞ୍ଚଳରେ ସୁକିନ୍ଦା ରାଜାଙ୍କ ଦ୍ୱାରା ସ୍ଥାପିତ ବାରପ୍ରଧାନୀ ବ୍ୟବସ୍ଥା ବଞ୍ଚି ରହିଛି। ପିଢ଼ି ପରେ ପିଢ଼ି ଶବର ବା ଦେହୁରୀ ସମ୍ପ୍ରଦାୟରେ ବାର ପ୍ରଧାନୀ ବାଛିବା ବ୍ୟବସ୍ଥା ରହିଛି। ଏହି ବାର ପ୍ରଧାନୀଙ୍କୁ ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କ ଉପସ୍ଥିତିରେ ସମ୍ମାନିତ କରାଯାଇଛି। ଶାନ୍ତି, ମୈତ୍ରୀ ସୃଷ୍ଟି କରିବାରେ କ୍ରୋମନଗର ମହୋତ୍ସବ ବାର୍ତ୍ତା ବହନ କରୁଛି ଓ ଆଗାମୀ ଦିନରେ ଏହି ମଞ୍ଚ ପଲ୍ଲୀ ସୌରିକରୁ ବହୁ ପ୍ରତିଭା ସୃଷ୍ଟି କରିବା ଲକ୍ଷ୍ୟ ବୋଲି ମହୋତ୍ସବର ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ସାମନ୍ତ କହିଥିଲେ।

ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀବଳସାମନ୍ତ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଦ୍ୱୀପ ପ୍ରଜ୍ୱଳନ କରି ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାରମ୍ପାରିକ ଲୋକନୃତ୍ୟ, ଆଧୁନିକ ନୃତ୍ୟ ସହିତ ସଂଗୀତ ପରିବେଷଣ କରାଯାଇଥିଲା। ସୁକିନ୍ଦା ବ୍ଲକର ଖଣି ସଂଲଗ୍ନ ୧୦ଟି ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ, ସଂଗୀତ ପ୍ରତିଯୋଗିତାରେ ଭାଗ ନେଇଥିବା ୫୧ ପ୍ରତିଯୋଗୀ ଓ ବ୍ଲକସ୍ତରୀୟ ଏହି ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ, ତୃତୀୟ ପ୍ରତିଯୋଗୀଙ୍କ ସହିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଏବଂ ଜାତୀୟସ୍ତରରେ ବାସ୍କେଟ ବଲ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ମନ୍ତ୍ରୀ, ବିଧାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

କ୍ରୋମନଗର ମହୋତ୍ସବ କମିଟି ସଭାପତି ଅମଳେନ୍ଦୁ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ କାର୍ଯ୍ୟକ୍ରମରେ ଓଡିଶା ମାଇନିଂ ୱାର୍କରସ ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ, ମହୋତ୍ସବର କାର୍ଯ୍ୟକାରୀ ସଭାପତି ବିଶ୍ୱଜିତ ନାୟକ, ସମ୍ପାଦକ ବିଦ୍ୟାଧର ପାତ୍ର, କୋଷାଧ୍ୟକ୍ଷ ବେଣୁଧର ମହାନ୍ତ, ରବୀନ୍ଦ୍ର କୁମାର ସାମଲ, ଲମ୍ବୋଦର ଦଳବେହେରା, ଅସିତ ମହାନ୍ତ, ଦୟାନିଧି ମହାନ୍ତ, ମନୋଜ ନାୟକ, ସେକ୍ ଜହୁର, ବେଣୁଧର ମହାକୁଡ, ରବୀନ୍ଦ୍ର ଭଞ୍ଜ, ସତ୍ୟଜିତ ନାୟକ, ଦୁଷ୍ମନ୍ତ ମହାନ୍ତ, ବୁଲୁ ମହାନ୍ତ, ଲମ୍ବୋଧର ମହାନ୍ତ ଓ ଦିଲୀପ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।



### ସବାବ ସବିରଙ୍କ ହୁଡୁହୁଡ ଦବଙ୍ଗଦବଙ୍ଗ, ତେରେ ନେୟନା ଗୀତରେ ମତୁଆଲା ହେଲେ ଦର୍ଶକ

ଶିତୁଆ ସନ୍ଧ୍ୟାରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ପ୍ରସିଦ୍ଧ ଉଦ୍‌ଘୋଷକ ପୁପିନ୍ଦର ସିଂ ମଞ୍ଚ ପରିଚାଳନା କରିଥିଲେ। ବଲିଉଡର ସବାବ ସାବିରଙ୍କ ହୁଡହୁଡ ଦବଙ୍ଗ ଦବଙ୍ଗ, ତେରେ ନେୟନା, ତେରୀ ଜବାନୀ ମସ୍ତମସ୍ତ, ଗାୟିକା ଭାଗ୍ୟଶ୍ରୀଙ୍କ ମତୁଆଲା ସଂଗୀତ, ହାସ୍ୟ ଅଭିନେତା ଗୁଲୁଆଙ୍କ କମେଡି, ଏଲିନା ସାମନ୍ତରାୟ, ଅଭିନେତା ଶୁଭାଶିଷ ଭଳି ବହୁ ନାମୀଦାମୀ ତାରକାଙ୍କ ନିଖୁଣ ଅଭିନୟ ଓ ସଂଳାପ ଦର୍ଶକଙ୍କ ମନୋରଞ୍ଜନ କରିଥିଲା।

# ସରିଲା ପ୍ରବାସୀ ଭାରତୀୟ ଆଗମନ କାର୍ଯ୍ୟକ୍ରମ



ରତ୍ନଗିରି ପରିଦର୍ଶନରେ ଆସିଥିବା ପ୍ରବାସୀ ଭାରତୀୟ ଓ ଅନ୍ୟମାନେ।

ବରୀ,୧୧।୧(ମହେନ୍ଦ୍ର ସ୍ୱାଇଁ): ପ୍ରବାସୀ ଭାରତୀୟଙ୍କ ବୌଦ୍ଧପୀଠ ରତ୍ନଗିରି ପରିଦର୍ଶନ ଶନିବାର ଶେଷ ହୋଇଛି। ୪ ଦିନିଆ ଏହି କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିଥିଲେ। ବ୍ଲକ ପ୍ରଶାସନ ତରଫରୁ ରତ୍ନଗିରି ପାହାଡ଼ ଚତୁର୍ପାଶ୍ୱକୁ ସଫା କରାଯିବା ରାସ୍ତାଗୁଡ଼ିକୁ ଆଲୋକୀକରଣ କରାଯାଇଥିଲା। ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରାଯାଇଥିଲା। ଏତଦ୍‌ବ୍ୟତୀତ ଓଟିଡିସି ତରଫରୁ ମଧ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଶୁକ୍ରବାର ୨ ବିଦେଶୀ ପର୍ଯ୍ୟଟକ ଓ ଶନିବାର ୩ ପ୍ରବାସୀ ଓଡ଼ିଆ ରତ୍ନଗିରି ଆସି ବୌଦ୍ଧପୀଠ ବୁଲିବା ସହ ଏହାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ବୌଦ୍ଧ ପୀଠର ଇତିହାସ ବିଷୟରେ ଅବଗତ ହୋଇ ଆନନ୍ଦିତ ହୋଇଛନ୍ତି। ପ୍ରବାସୀ ଭାରତୀୟଙ୍କ ଆଗମନକୁ ଆଖି ଆଗରେ ରଖି ବରୀ ତହସିଲଦାର ମାନସ ରଞ୍ଜନ ସ୍ୱାଇଁ, ଅତିରିକ୍ତ ତହସିଲଦାର କଲୋଳ ମିଶ୍ର, ବରୀ ଭାରପ୍ରାପ୍ତ ବିଡିଓ ମହେଶ୍ୱର ସେଠୀ, ବରୀ ଥାନା ଏଏସ୍‌ଆଇ ରମାକାନ୍ତ ନାୟକ, ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସ, କନିଷ୍ଠ ଯନ୍ତ୍ରୀ ରାକେଶ ମଲ୍ଲିକ, ସରୋଜ ପଣ୍ଡା ଓ ଦୁର୍ଗାପ୍ରସାଦ ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# କଲ୍ୟାଣେଶ୍ୱର କ୍ରିକେଟ: ଭଦ୍ରକ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

କୋରେଇ,୧୧।୧(ଚନ୍ଦ୍ରକାନ୍ତ ପତି): କୋରେଇ ବ୍ଲକ ପାଟରଙ୍ଗା ପଞ୍ଚାୟତ ଅରଣ୍ୟମଦନା ଗ୍ରାମର ବାବା ଆଖଣ୍ଡଳମଣି ଯୁବକ ସଂଘ ଆନୁକୂଲ୍ୟରେ ବୁଧବାରରୁ ଚାଲିଥିବା ୧୯ତମ କଲ୍ୟାଣେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଏସ୍‌ଜି ଇଲେଭେନ ଭଦ୍ରକ ସ୍ପୋର୍ଟ୍ସ କ୍ଲବ ଖମିଗାଁକୁ ହରାଇ ଚାମ୍ପିୟନ ହୋଇଛି। ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ମଧରେ ୫ ଉଇକେଟ ହରାଇ ୧୫୪ ରନ କରିବାକୁ ସକ୍ଷମ ହୋଇଥିଲା। ଅପରପକ୍ଷେ ଖମିଗାଁ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୭୬ ରନ କରିବାକୁ ସକ୍ଷମ ହୋଇଥିଲା। ଶିକ୍ଷାବିତ୍ ବଳରାମ ଶତପଥୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ସାମାଜିକ କର୍ମୀ ପ୍ରୀତିରଞ୍ଜନ ସାହୁ, ସମ୍ମାନିତ ଅତିଥି ସାମାଜିକ କର୍ମୀ ପୀତାମ୍ବର ମାଝି, ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଦାସ, ସୁଶୀଳ କୁମାର ମଲ୍ଲିକ, ବ୍ରଜକିଶୋର ଶତପଥୀ, ଅଯୋଧ୍ୟା ଜେନା, ବିଜୟ କୁମାର ପୃଷ୍ଟି, ଅଜୟ ଜେନାଓ ଶିକ୍ଷକ ବାବୁଲାଲ ବାରିକ ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ଦଳର ଆର୍‌କେ ପଣ୍ଡା ଓ ଧନଙ୍କୁ ଯଥାକ୍ରମେ ମ୍ୟାନ୍ ଅଫ ଦି ଟୁର୍ନାମେଣ୍ଟ ଓ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ରାଶି ଓ କପ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରତାପ ଚନ୍ଦ୍ର ବଳ ମଞ୍ଚ ଓ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ପିଣ୍ଟୁ ନାଥ, ଅନିଲ କୁମାର ସେଠୀ, ରାଜେନ୍ଦ୍ର କୁମାର ଦାସ ଓ ଦେବେନ୍ଦ୍ର ଚକ୍ର ଖେଳ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ଦର୍ଶକ ଖେଳକୁ ଉପଭୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଚଣ୍ଡିଖୋଲ,୧୧।୧(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶୈକ୍ଷିକ ବିକାଶ କ୍ଷେତ୍ରରେ ସର୍ବଭାରତୀୟସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷା ବିକାଶ ସମିତି ଓଡିଶାର ଉତ୍ତର ପୂର୍ବ ସଂଭାଗ ସଭାପତି ଶିବନାରାୟଣ ସିଂହ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ଅମୂଲ୍ୟ ସଂସ୍କୃତିକୁ ନିଷ୍ଠାର ସହ ସୁରକ୍ଷିତ ରଖିବା ପ୍ରତ୍ୟେକ ସଚ୍ଚା ରାଷ୍ଟ୍ର ସେବକର ଗୁରୁ ଦାୟିତ୍ୱ ବୋଲି କହିଥିଲେ।

ସଭା କାର୍ଯ୍ୟ ପ୍ରାରମ୍ଭରେ ଶିଶୁ ବିଦ୍ୟାମନ୍ଦିରର ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ବିଦ୍ୟାମନ୍ଦିର ସମ୍ପାଦକ ହିମାଂଶୁ ଶେଖର ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ସଂସ୍କୃତି'କୁ ମଞ୍ଚାସୀନ ଅତିଥି ଉନ୍ମୋଚନ କରିଥିଲେ। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବିଦ୍ୟାଳୟ ମାନ ବୃଦ୍ଧି କରିଥିବା ବିଶ୍ୱଜିତ ଖୁଣ୍ଟିଆ ଏବଂ ଦିଶାରାଣୀ ବିଶ୍ୱାଳ, ଏନ୍‌ଇଇଟିରେ ସଫଳତା ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଶକ୍ତିସ୍ୱରୂପ ସିଂହ ଓ ଜ୍ଞାନ ବେହେରାଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ସଫଳ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ବିଶ୍ୱଜିତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପତିତପାବନ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଧର୍ମଶାଳା,୧୧।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁରସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଗତ ୭ତାରିଖରେ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ଶିକ୍ଷକ ଅକ୍ଷୟ କୁମାର ଦାସ, ଶ୍ୟାମଘନ ଦାସ, ପବିତ୍ର କୁମାର ଭୋଇ, ଶିକ୍ଷୟିତ୍ରୀ ସୁପ୍ରଭା ଜେନା, ସୋନି ନାୟକ, ମଧୁଛନ୍ଦା ମହାନ୍ତି, ମନିଷା ଆଚାର୍ଯ୍ୟ, ତପସ୍ୱନୀ ନାୟକ, କନକଲତା ରାଉତ, ରଶ୍ମିରେଖା ବାରିକ, ରୂପାଲିସା ନାୟକ, ଚିନ୍ମୟୀ ପ୍ରଧାନ, ଶାନ୍ତି ଲତା ସାମଲ ପ୍ରମୁଖ ଅନୁଷ୍ଠିତ କ୍ରୀଡ଼ାରେ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗୀତାରେ ବରିଷ୍ଠ ବାଳିକା ବିଭାଗରେ ପ୍ରଜ୍ଞାଶ୍ରୀ ଜେନା, ବାଳକ ବିଭାଗରେ ରାକେସ ପାଲ, କନିଷ୍ଠ ବର୍ଗ ବାଳିକା ବିଭାଗରେ ରାକ୍ଷୀ ମଲିକ, ବାଳକ ବିଭାଗରେ ବିଶ୍ୱନାଥ ଗୁଇଁ ଚାମ୍ପିୟନ ହୋଇଥିଲେ। ଫ୍ୟାନ୍ସି ପ୍ରତିଯୋଗିତାରେ ସୁହାଗିନି ଜେନା ଓ ପ୍ରତ୍ୟାସା ସିଂ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ଗାଗରେଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦ ସଭାପତି ନିରଞ୍ଜନ ମିଶ୍ର, ଅତିଥି ଭାବେ ଗଙ୍ଗାଧରପୁର ସରପଞ୍ଚ ତ୍ରିଲୋଚନ ଜେନା ଯୋଗଦେଇ ପିଲାମାନଙ୍କୁ କ୍ରୀଡ଼ା ସହିତ ଭଲ ପାଠ ପଢ଼ି ନିଜର ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷକ ନାରାୟଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅମୂଲ୍ୟ କୁମାର ଲେଙ୍କା ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ଅତିଥିମାନେ ପ୍ରତିଯୋଗିତାରେ ଚାମ୍ପିୟନ ଓ ବିଭିନ୍ନ ପ୍ରତିଯୋଗିତାରେ ୧ମ, ୨ୟ, ୩ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଦମୟନ୍ତି ବେହେରା ଧନ୍ୟବାଦ ଦେଇଥିଲେ।



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ପଛିକୋଟ ପାକ୍ସରେ ଧାନମଣ୍ଡି ଖୋଲିଲା

ରଗଡ଼ି,୧୧।୧(ଜତିଶ କୁମାର ମଲ୍ଲିକ): କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଧାନମଣ୍ଡି ଖୋଲାଯାଇଛି। ସଭାପତି ରାଜେନ୍ଦ୍ର କୁମାର ରାଉତ ରାୟ କଣ୍ଟା ପୂଜା କରି ଏହାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ପଲାର ଏହାକୁ ପରିଚାଳନା କରିଥିଲେ। ନୋଡାଲ ଅଫିସର ମନମୋହନ ସାହୁ, ପଛିକୋଟ ସରପଞ୍ଚ ଗୀତାଞ୍ଜଳି ସେଠୀ, ଅସନଝର ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ପାକ୍ସ ଉପସଭାପତି ଉଷାମଣୀ ସ୍ୱାଇଁ, ଧାନକିଣା କମିଟି ସଭ୍ୟ ନିରଞ୍ଜନ ବାରିକ, ଗୟାଧର ପରିଡା ଓ ମଳୟ କୁମାର ମଲ୍ଲିକଙ୍କ ସମେତ ସଭ୍ୟାସଭ୍ୟ ଓ ଚାଷୀ ଉପସ୍ଥିତ ଥିଲେ। ସହସମ୍ପାଦକ ଅରବିନ୍ଦ ସ୍ୱାଇଁ, ଡିଇଓ ମୋନାଲିସା ମଲ୍ଲିକ ଓ ପିଅନ ବଳରାମ ବାରିକ ସହଯୋଗ କରିଥିଲେ।

# ଜଗାବଳିଆ କ୍ରିକେଟ ଟୁର୍ନାମେଣ୍ଟ: ଷଠିପୁର ବିଜୟୀ

ରସୁଲପୁର,୧୧।୧(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମ ଖେଳ ପଡ଼ିଆରେ ଶନିବାର ୧୫ତମ ଜଗାବଳିଆ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଷଠିପୁର କ୍ରିକେଟ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛି।

ଯୁବନେତା ନିହାର ରଞ୍ଜନ ମହାନ୍ତି, ଅର୍ଜ୍ଜୁନ ଚରଣ ପତି, ରଞ୍ଜନ କୁମାର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ୍ ଘରୋଇ ଦଳ ଇଚ୍ଛାପୁର ଓ ସଠିପୁର କ୍ରିକେଟ୍ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଠିପୁର ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭରରେ ୧୧୨ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ୧୧୩ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓପନିଂ ବ୍ୟାଟସ୍ ମ୍ୟାନ ଦ୍ୱୟ ପଡିଆକୁ ଆସିଥିଲେ। ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିବା ଯୋଗୁ ଦଳ ନିର୍ଦ୍ଧାରିତ ଓଭର ମଧରେ ୧୦୦ ରନ୍‌ରେ ସୀମିତ ରହି ପରାଜୟ ବରଣ କରିଥିଲା। ଷଠିପୁର ଦଳର ବ୍ୟାଟସ୍‌ମ୍ୟାନ୍ ଅବିନାଶ ସାହୁ ଉନ୍ନତ ଖେଳ ପ୍ରଦର୍ଶନ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବରେ ପୁରସ୍କୃତ ହୋଇଥିଲେ। ଏଠାରେ ଆୟୋଜିତ ଖେଳକୁ ବରିଷ୍ଠ ଖେଳାଳି ସନାତନ ଦାସ, ଉତ୍ତମ ସାହୁ ପରିଚାଳନା କରିଥିଲେ। ୭ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌ରେ ଯାଜପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ ଦଳ ଯଥା; ଭୋଟକା, ଇଚ୍ଛାପୁର, ସଠିପୁର, ବିଲିପଡ଼ା, ମଧୁବନ, ଓଡିନ୍ଦା, ଯାଜପୁର ରୋଡ୍, ଗଣେଶ୍ୱରପୁର, ବ୍ରହ୍ମବରଦା, ବରୁଆଁ, ଯାଜପୁର ଟାଉନ, ବୀରଭାନପୁର, ବଣ୍ଟରା, ଗୋର୍ଦ୍ଧା, ଇଲେଭେନଷ୍ଟାର, ରାହାମ୍ବା ଆଦି ଦଳ ଅଂଶଗ୍ରହଣ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ଜଗାବଳିଆ କ୍ରିକେଟ କ୍ଲବର ଖେଳାଳିମାନେ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି।

# ବୈରାଗୀ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

ଧର୍ମଶାଳା,୧୧।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ ବ୍ଲକ ଅଧକ୍ଷ କିଷାନ ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଚାରକଭାବେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଏବିଇଓ ମମିତା ମହାନ୍ତି, କାହ୍ନୁଚରଣ ଦାଶ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। 'ସାମାଜିକ କର୍ମୀ ବୈରାଗୀ ଚରଣ ବିଶ୍ୱାଳ' ଶୀର୍ଷକ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ କୀର୍ତ୍ତିପ୍ରଭା ଗୁଇ ପ୍ରଥମ, ସସ୍ମିତା ମଣ୍ଡଳ ୨ୟ, ରାଜଲକ୍ଷ୍ମୀ ପରିଡ଼ା ଓ ଅଙ୍କିତା ମଲ୍ଲିକ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ 'ଶିକ୍ଷାପ୍ରେମୀ ବୈରାଗୀ ଚରଣ ବିଶ୍ୱାଳ' ଶୀର୍ଷକ ପ୍ରତିଯୋଗିତାରେ ସ୍ମିତିମୟୀ ନାଥ ୧ମ, ଜାଗୃତି ଶତପଥୀ ୨ୟ, ତେଜସ୍ୱିନୀ ସାମଲ ୩ୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୧୫ ତାରିଖରେ ସାମାଜିକ କର୍ମୀ, ବହୁ ଶିକ୍ଷା ଅନୁଷ୍ଠାନର ସ୍ରଷ୍ଟା ତଥା ପୂର୍ବତନ ବ୍ଲକ ଅଧକ୍ଷ ବୈରାଗୀ ଚରଣ ବିଶ୍ୱାଳଙ୍କ ଶ୍ରାଦ୍ଧୋତ୍ସବ ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ସ୍ମୃତି କମିଟି ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।





ଯାଜପୁର ଜିଲା ବଡ଼ଚଣା ବ୍ଲକ୍‌ର ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିଠାରେ ରବିବାରଠାରୁ ଆରମ୍ଭ ହେବାକୁ ଥିବା ଗୁରୁପଦ୍ମ ସମ୍ଭବ ବୌଦ୍ଧ ସମ୍ମିଳନୀରେ ଯୋଗଦେବାକୁ ଶନିବାର ଆସିଥିବା ସିକିମ ରାଜ୍ୟର ବୌଦ୍ଧ ସନ୍ନ୍ୟାସୀମାନେ। (ଫଟୋ: ପ୍ରଦୀପ୍ତ କୁମାର ପୃଷ୍ଟି।)

# ଜବରଦଖଲ କବ୍‌ଜାରେ କେନ୍ଦ୍ରାପଡ଼ା ସହର

■ ଜଳ ନିଷ୍କାସନ, ଟ୍ରାଫିକ୍ ସମସ୍ୟାର ସମାଧାନ ନାହିଁ
■ ଐତିହ୍ୟ ସଂରକ୍ଷଣ ପାଇଁ ମ୍ୟୁଜିୟମ ସ୍ଥାପନ ହେଉ

କେନ୍ଦ୍ରାପଡ଼ା,୧୧।୧(ଜଗନ୍ନାଥ ଧଳ)

ରାଜ୍ୟର ସର୍ବପ୍ରଥମ ପୌରାଞ୍ଚଳ କେନ୍ଦ୍ରାପଡ଼ା ସହର ଜବରଦଖଲ ସମସ୍ୟାରୁ ନିସ୍ତାର ପାଉନାହିଁ । କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ଜବରଦଖଲ ସମସ୍ୟାକୁ ଗୁରୁତର କରୁଛି । ୧୮୬୯ରେ ସ୍ଥାପିତ ଏହି ପୌରାଞ୍ଚଳ ଅଧିବାସୀ ସହରକୁ ବିକଶିତ ଦେଖିବା ପାଇଁ ଏବେବି ମାଷ୍ଟର ପ୍ଲାନ ଅପେକ୍ଷାରେ ଅଛନ୍ତି । ମନମୁଖୀ ପ୍ରକଳ୍ପ ନିର୍ମାଣ ଓ ଜବରଦଖଲ ସହରକୁ ସଙ୍କୁଚିତ କରୁଥିବା ବେଳେ ଜଳ ନିଷ୍କାସନ ଏକ ସମସ୍ୟା ଭାବେ ଉଭା ହୋଇଛି । ବାଇପାସ ରାସ୍ତା ନିର୍ମାଣ ହୋଇ ପାରୁନାହିଁ । ଏଥିପାଇଁ ଟ୍ରାଫିକ ସମସ୍ୟା ଗୁରୁତର ହୋଇଛି ।

ସେହିପରି ଐତିହ୍ୟ ସଂରକ୍ଷଣ ପାଇଁ ଏକ ମ୍ୟୁଜିୟମ ସ୍ଥାପନ କରାଯିବାକୁ ଦାବି ହୋଇଛି । ଏସମ୍ପର୍କରେ ସହରର ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ସିଂହ, ବିଜୟ କୁମାର ମଣ୍ଡଳ, ଅସୀତ କୁମାର ମହାପାତ୍ର, କ୍ଷିତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, ଏହି ଜିଲାରେ ବିଶ୍ୱବାସୀଙ୍କ ଆକର୍ଷଣ ଜାତୀୟ ଉଦ୍ୟାନ ଭିତରକନିକା ଅଛି । ସେହିପରି ରାଜ୍ୟର ଏକମାତ୍ର ଜିଓ ଟିଉବୱାଲ, ହୁକିଟୋଲାଠାରୁ ଆରମ୍ଭ କରି ସହର ମଧ୍ୟରେ ଆଧ୍ୟାତ୍ମିକସ୍ଥଳୀ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଅଛି । ପ୍ରଚାର ପ୍ରସାର ପରେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ । କେନ୍ଦ୍ରାପଡ଼ା ସହର ଏହାର ମଧ୍ୟସ୍ଥଳରେ ଥିବା ବେଳେ ସହରବାସୀଙ୍କ ସଂଖ୍ୟା ଇତିମଧ୍ୟରେ ପ୍ରାୟ ୮୦ ହଜାର ହୋଇଛି । ସହରର ପରିସୀମା ବୃଦ୍ଧି ପାଉଛି । କୌଣସି ଅଞ୍ଚଳର ବିକାଶ ପାଇଁ ଚିନ୍ତା କଲେ ଆଗାମୀ ୫୦ ଅଥବା ୧୦୦ ବର୍ଷର ସମ୍ଭାବନା ଏଥିରେ ସାମିଲ ଥାଏ । ଏହାକୁ ଦୃଷ୍ଟିରେ ରଖି ରାସ୍ତାଠାରୁ ଜଳ ନିଷ୍କାସନ, ରାତ୍ରକାଳୀନ ରହଣୀ ଠାରୁ ଭେଣ୍ଡିଂ ଜୋନର ଅବସ୍ଥିତି ପ୍ରତି ସଚେତନ ହେବାକୁ ପଡିବ । ତେବେ ଗତ ୨୫ ବର୍ଷ ପୂର୍ବେ ପ୍ରତିଷ୍ଠିତ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ କାର୍ଯ୍ୟାଳୟ ଏକ ସାଇନବୋର୍ଡ ମଧ୍ୟରେ ରହିଛି । ପ୍ରକଳ୍ପର ଅନୁମୋଦନ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଉନାହିଁ । ଜିଲାର ବ୍ୟସ୍ତବହୁଳ ତିନିମୁହାଣୀ ଛକ ଏବେ ଟ୍ରାଫିକ ସମସ୍ୟାରେ ଅଛି । ଏହା କଟକ ଚାନ୍ଦବାଲି ରାଜ୍ୟ ରାଜପଥ ସହ ସହର ମଧ୍ୟକୁ ସଂଯୋଗସ୍ଥଳ ।

ଏହାବ୍ୟତୀତ ମହାକାଳପଡା ବ୍ଲକ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପ୍ରସ୍ତୁତିରେ ଅଛନ୍ତି । ତିନିମୁହାଣୀ ଛକକୁ ଅଧିକ ପ୍ରଶସ୍ତ ଓ ଯାତାୟତ ପାଇଁ ଏହାର ସମ୍ପ୍ରସାରଣ ଜରୁରୀ ହୋଇଛି । ଏଥିପାଇଁ ନିକଟରେ ଥିବା ଚଟିପୋଲଠାରୁ ନୂତନ ରାସ୍ତା ନିର୍ମାଣାଧୀନ ଅଛି । ତେବେ ତିନିମୁହାଣୀ ଛକରେ ଏକାଧିକ ପ୍ରକଳ୍ପ ଟ୍ରାଫିକ ସମସ୍ୟାକୁ ଉତ୍କଟ କରିଛି । ଏଠାରେ ଗାନ୍ଧି ସ୍ମୃତି ନାମରେ ଏକ ପିଣ୍ଡି ନିର୍ମାଣ ହୋଇଛି । ସେହିପରି ଶୌଚାଳୟ ଓ ଆଇ ଲଭ୍ କେନ୍ଦ୍ରାପଡା ପ୍ରତୀକ ସ୍ଥଳୀ ରହିଥିବାରୁ ରାସ୍ତା ଉପରେ ବାଇକ୍ ଠାରୁ ଅଟୋର ଭିଡ ଜମୁଛି । ସହରର ପ୍ରବେଶ ପଥରେ ଭେଣ୍ଡିଂ ଜୋନ ପାଇଁ ବ୍ୟବସ୍ଥା ହୋଇଛି । ଏହା ସହିତ ସରିସୀମା ବୃଦ୍ଧି ହୋଇଥିବାରୁ ଏଠାରେ ଥିବା ଗେଟର ପ୍ରାସଙ୍ଗିକତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତିନିମୁହାଣୀ ଛକ ନିକଟରେ ଥିବା ଇଣ୍ଡଷ୍ଟ୍ରିଆଲ ଏରିଆରେ ଭେଣ୍ଡି ଜୋନ ଠାରୁ ଆରମ୍ଭ କରି ଶୌଚାଳୟ, ଗାନ୍ଧୀ ସ୍ମୃତି ପୀଠ, ଐତିହ୍ୟ ମ୍ୟୁଜିୟମ ଆଦି ହୋଇ ପାରିଥାନ୍ତା । ଫଳରେ ଆଗାମୀ ଦିନରେ ସହରର ଯାତାୟତ ସହିତ ସୌନ୍ଦର୍ଯ୍ୟ ପ୍ରଦାନ କ୍ଷେତ୍ରରେ ଏହାର ଭାଗିଦାରି ରହନ୍ତା । ଜିଲାର କୃଷି ଅର୍ଥନୀତି ପରି ପର୍ଯ୍ୟଟନ ଶିଳ୍ପ ଆର୍ଥିକ ଉନ୍ନତି ଆଣିପାରିବ । ଜିଲାରେ ଶିଳ୍ପ ପ୍ରତିଷ୍ଠା ପରେ ସହରର ଭୂମିକା କମ୍ ନୁହେଁ । ସହର ମଧ୍ୟରେ ଥିବା ଯାତ୍ରୀ ନିବାସ, ରାତ୍ର ରହଣିସ୍ଥଳୀ, କଲ୍ୟାଣ ମଣ୍ଡପ, ଇଚ୍ଛାପୁରରେ ଥିବା ପର୍ଯ୍ୟଟନ ବିଭାଗର ନିବାସର ଉପଯୋଗିତାକୁ ଅନୁଧ୍ୟାନ ଆବଶ୍ୟକ । ଅଗାମୀ ଦିନରେ ଜିଲା ବାହାର ଲୋକଙ୍କୁ ଏଠାରେ ରହିବା ସମସ୍ୟା ସୃଷ୍ଟି କରିବ । ଜିଲାରେ ବିକ୍ଷିପ୍ତ ଭାବେ ଥିବା ଐତିହ୍ୟ ସ୍ମାରକୀ ପାଇଁ ମ୍ୟୁଜିୟମ ପାଇଁ ବହୁବାର ଦୃଷ୍ଟି ଆକର୍ଷଣ କରାଯାଇଛି । ସେହିପରି ଜବରଦଖଲ ମୁକ୍ତ ନ ହେଲେ ସହର ମଧ୍ୟରୁ ଜଳ ନିଷ୍କାସନ ବ୍ୟବସ୍ଥା ହୋଇ ପାରିବନି ବୋଲି ସେମାନେ ମତ ଦେଇଛନ୍ତି ।

ଏସମ୍ପର୍କରେ ପୌରାଧ୍ୟକ୍ଷା ସରିତା ସାହୁ କହିଛନ୍ତି, ବିଭିନ୍ନ ପ୍ରକଳ୍ପର ଅବସ୍ଥିତି ଓ ସମସ୍ୟା ସମ୍ପର୍କରେ ସମୀକ୍ଷା ହୋଇଛି । ଏକ ସୁନ୍ଦର ସହର ଗଠନ ପାଇଁ ପ୍ରୟାସ ଜାରି ରହିବ ।

# ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ଧାନମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

ରାଜକନିକା,୧୧।୧(ରବୀନ୍ଦ୍ର କୁମାର ଦାସ )

ରାଜକନିକା ବ୍ଲକ ବଳରାମପୁର ପଞ୍ଚାୟତସ୍ଥିତ ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ଶନିବାର ସମ୍ପାଦକ ଅସିତ କୁମାର ବେହୁରିଆଙ୍କ ସଂଯୋଜକରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବରୁଣା ପ୍ରାଥମିକ କୃଷି ସମବାୟ ସମିତର ସଭାପତି ଡମ୍ବରୁଧର ଦାସ ଓ ଏଆରଇ ଦେବେନ୍ଦ୍ର କୁମାର ସ୍ୱାଇଁ ଉପସ୍ଥିତ ରହି କେମିତି ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ମୂଲ୍ୟ ୨୩୦୦ ଶହ ଟଙ୍କା ଓ ରାଜ୍ୟ ସରକାରଙ୍କର ନିର୍ଦ୍ଧାରିତ ଇନ୍‌ପୁଟ ସବ୍‌ସିଡି ମୂଲ୍ୟ ୮୦୦ ଟଙ୍କାକୁ ମିଶାଇ ମୋଟ ୩୧୦୦ ଟଙ୍କା ଏବଂ ଗ୍ରେଡ଼ (ଏ)କୁଇଣ୍ଟାଲ ପ୍ରତି ମୂଲ୍ୟ ୨୩୨୦ଟଙ୍କାରେ ସମସ୍ତ ଚାଷୀ ଧାନ ମଣ୍ଡିରେ ଦେଇ ପାରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧରେ ସହସମ୍ପାଦକ ସୁମନ କୁମାର ଦାସ, ଡିଇଓ ଶେଷଦେବ ଦାସ, ଶ୍ରୀଧରପ୍ରସାଦ ବାୟୀ ଓ ବରୁଣା ପାକର ସଭ୍ୟା ଅନାଦି ସାହୁ, ଘନଶ୍ୟାମ ମୁଦୁଲି, ପ୍ରମୋଦ ବାରିକ, ଅକ୍ଷୟ ଦାସ, ଜୟୀରାମ ପରିଡା, ସୁଦାମ ମଲ୍ଲିକପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଗୋପବନ୍ଧୁ ସ୍କାଉଟ୍ ଟ୍ରୁପ୍ ଓ ଝାନ୍‌ସୀରାଣୀ ଗାଇଡ୍ ଗଠିତ




ପଟ୍ଟାମୁଣ୍ଡାଇ,୧୧।୧(କଳ୍ପତରୁ ନାୟକ)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ପାଳପାଟଣାସ୍ଥିତ ରାମଚଣ୍ଡୀ ନୋଡ଼ାଲ ବିଦ୍ୟାଳୟରେ ଛାତ୍ର ଓ ଅଭିଭାବକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟରେ ନୂତନ ଭାବେ ଏକ ଗୋପବନ୍ଧୁ ସ୍କାଉଟ ଟ୍ରୁପ ଓ ଝାନ୍‌ସୀରାଣୀ ଗାଇଡ୍ କମ୍ପାନୀ ଗଠନ କରାଯାଇଛି । କେନ୍ଦ୍ରାପଡ଼ା ଜିଲା ସ୍କାଉଟ ସଂଯୋଜକ ଗୋଲଖ ବିହାରୀ ଭୁୟାଁ ଓ ଡାମରପୁରସ୍ଥିତ ମା'ବାସନ୍ତୀ ବାଳିକା ବିଦ୍ୟାଳୟର ଗାଇଡ୍ କ୍ୟାପଟେନ ନମିତା ନାୟକଙ୍କ ତତ୍ତ୍ୱାବଧାନରେ ରାମଚଣ୍ଡୀ ନୋଡ଼ାଲ ବିଦ୍ୟାଳୟର ୧୬ ଜଣ ବାଳିକା ଓ ୧୬ ଜଣ ବାଳକ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇ ଭାରତ ସ୍କାଉଟ୍ ଓ ଗାଇଡ୍‌ର ସଭ୍ୟ ପଦ ଗ୍ରହଣ କରିଥିଲେ । ଏଥିପାଇଁ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ସାହୁ ସଭାପତିତ୍ୱ କରିବା ସହ ନୂତନଭାବେ ସ୍କାଉଟ ଓ ଗାଇଡ୍ ରେ ଯୋଗ ଦେଉଥିବା ଛାତ୍ରୀଛାତ୍ରମାନଙ୍କୁ ଏହାର ଗୁରୁତ୍ୱ, ଲକ୍ଷ୍ୟ ଏବଂ ଉପାଦେୟତା ଉପରେ ଦିଗଦର୍ଶନ ଦେଇଥିଲେ । ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ମହେନ୍ଦ୍ର ସାହୁ ,ସଭ୍ୟା ରେଣୁକା କୁଣ୍ଡ,ମମତା ଖୁଣ୍ଟିଆ , ବିଦ୍ୟାଳୟର ସ୍କାଉଟ୍ ମାଷ୍ଟର ସୌମ୍ୟରଞ୍ଜନ ବେହେରା ଓ ଗାଇଡ୍ କ୍ୟାପଟେନ ପ୍ରଭାତୀ ମଣ୍ଡଳ ସ୍କାଉଟ ଓ ଗାଇଡ୍ ଛାତ୍ରୀଛାତ୍ରମାନଙ୍କୁ ବ୍ୟାଚ , କ୍ୟାପ , ସ୍କାର୍ଫ୍ ଦ୍ୱାରା ଅଳଙ୍କୃତ କରିବା ସହ ମିଷ୍ଟାନ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ସହଯୋଗ କରିବା ସହ ଖେଳ ଶିକ୍ଷକ ନିର୍ମଳ ଚନ୍ଦ୍ର କୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆତ୍ମାହୁତି ଧମକ ଦେଲେ ପରିବାର ଲୋକ

ରାଜନୈତିକ ଶତ୍ରୁତାରୁ ଦୋକାନ ପୋଡ଼ି ଘଟଣା



ଖବରଦାତା ସମ୍ମିଳନୀରେ ଅଗ୍ନିବିପନ୍ନ ପରିବାର ।

ଆଳି,୧୧।୧(ବନମାଳୀ ସେନାପତି)

ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଆଳି-ଭୂଇଁପୁର ରାସ୍ତାରେ ରଞ୍ଜନ କୁମାର ସେନାପତିଙ୍କ ଫାଷ୍ଟଫୁଡ ଦୋକାନ ପୋଡ଼ି ଦିଆଯିବା ଘଟଣାକୁ ୧୪ ଦିନ ବିତି ଯାଇଛି । ହେଲେ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ରଞ୍ଜନଙ୍କ ପରିବାର ଲୋକ ଶନିବାର ଏକ ଖବରଦାତା ସମ୍ମିଳନୀ କରି ଆତ୍ମାହୁତି ଚେତାବନୀ ଦେଇଛନ୍ତି ।

ଶନିବାର ସନ୍ଧ୍ୟାରେ ବଡ଼ମୂଳସାହିସ୍ଥିତ ମୁକ୍ତେଶରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ରଞ୍ଜନ ଅଭିଯୋଗ କରିଛନ୍ତି, ସେ ଆଳି ଭୂଇଁପୁର ରାସ୍ତାରେ ଗତ କିଛିଦିନ ହେବ ଏକ ଫାଷ୍ଟଫୁଡ ଦୋକାନ କରିଥିଲେ । ନୂତନ ବର୍ଷ ପୂର୍ବରୁ ଆଳି ବଜାର ଦୁର୍ଗାମଣ୍ଡପ ଛକରେ ତୋରଣ ବନ୍ଧାକୁ କେନ୍ଦ୍ରକରି ବିଜେଡି-ଭାଜପା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ତାଙ୍କ ଫାଷ୍ଟଫୁଡ ଦୋକାନକୁ ଭାଜପାର ପିଲାମାନେ ଖାଇବାକୁ ଯିବାରୁ କେତେଜଣ ଲୋକ ତାଙ୍କୁ ଧମକ ଚମକ ଦେଇଥିଲେ । ଗତ ୨୯ ତାରିଖ ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ରାତି ପ୍ରାୟ ୩ଟା ସମୟରେ ତାଙ୍କ ଦୋକାନରେ ନିଆଁ ଲାଗିଥିବା ନେଇ ଖବର ପାଇଥିଲେ । ଏ ନେଇ ସେ ଆଳି ଥାନାରେ ଜଣାଇଥିଲେ । ଆଳି ପୋଲିସ ପହଞ୍ଚିବା ସହ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ । ଏହି ଅଗ୍ନିକାଣ୍ଡରେ ଫାଷ୍ଟଫୁଡ ଦୋକାନରେ ଥିବା ବିଭିନ୍ନ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି । ଏ ନେଇ ସେ ଆଳି ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା(ନଂ.୭୪୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି । କିନ୍ତୁ ଏହି ଘଟଣାକୁ ୧୪ ଦିନ ବିତି ଯାଇଥିବା ବେଳେ ଆଳି ପୋଲିସ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ନିଷ୍କ୍ରିୟ ରହିଥିବାରୁ ତାଙ୍କ ପରିବାର ଲୋକଙ୍କ ଜୀବନ ବିପଦରେ ଥିବା ସେ ପ୍ରକାଶ କରିଛନ୍ତି । ପରିବାର ପ୍ରତିପୋଷଣ ପାଇଁ ସେ ଫାଷ୍ଟଫୁଡ ଦୋକାନ କରିଥିଲେ । ଦୋକାନ ପୋଡ଼ା ଦିଆଯିବା ପରେ ତାଙ୍କ ପରିବାର ବହୁ ଦୁଃଖକଷ୍ଟରେ ଅଛନ୍ତି । ଏ ନେଇ ସେ କେନ୍ଦ୍ରାପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ମଧ ଅଭିଯୋଗ କରିଛନ୍ତି । କିନ୍ତୁ ପୋଲିସ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେ ଖବରଦାତା ସମ୍ମିଳନୀରେ ଆଳି ଥାନା ସମ୍ମୁଖରେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ରଞ୍ଜନ କୁମାର ସେନାପତିଙ୍କ ମା'ସୁମିତ୍ରା ସେନାପତି, ଲକ୍ଷ୍ମୀପ୍ରିୟା ସେନାପତି, ସରସ୍ୱତୀ ସେନାପତି,କଳିଙ୍ଗ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଓସିଏଲ୍ ନିଯୁକ୍ତି ପତ୍ର ଦେଇ ଦେଢ଼ ଲକ୍ଷ ଟଙ୍କା ଠକେଇ

କେନ୍ଦ୍ରାପଡ଼ା,୧୧।୧(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର କନ୍ୟାଜୋର ଗ୍ରାମର କିଶୋର କୁମାର ବେହେରା ଦେଢ଼ଲକ୍ଷ ଟଙ୍କା ଠକେଇର ଶୀକାର ହୋଇଛନ୍ତି । ମହାକାଳପଡ଼ା ବ୍ଲକ ଛପାଲି ପଞ୍ଚାୟତ ଖ୍ରୀଷ୍ଟିଆନପଡ଼ା ଗ୍ରାମର ପ୍ରଫୁଲ ମଣ୍ଡଳ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍)ର ଜୁନିୟର ଏକ୍ଜ୍ୟୁଟିଭ ପଦର ନିଯୁକ୍ତି ପତ୍ର ଦେଇ ତାଙ୍କଠାରୁ ଏହି ଟଙ୍କା ନେଇଛନ୍ତି । ଏନେଇ ଟାଉନ ଥାନାରେ କିଶୋରଙ୍କ ବାପା ଭୀମସେନ ମଣ୍ଡଳଙ୍କ ନାମରେ ଅଭିଯୋଗ କରିବା ପରେ ଏକ ମାମଲା(ନଂ.୨୩/୨୫) ରୁଜୁ ହୋଇଛି । ଥାନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଏସମ୍ପର୍କରେ ଅଭିଯୋଗକାରୀ ଭୀମସେନ କହିଛନ୍ତି, ମଣ୍ଡଳଙ୍କ ସହିତ ତାଙ୍କର ଫେସବୁକରେ ଚିହ୍ନା ହୋଇଥିଲା । ପରବର୍ତ୍ତୀ ସମୟରେ ସେ ଏକାଧିକ ଥର ଏହି ଟଙ୍କା ନେଇଥିଲେ । ନିଯୁକ୍ତି ପତ୍ର ମିଳିବା ପରେ ଆଇଓସିଏଲକୁ ଯିବାରୁ ସେ ଠକେଇର ଶୀକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ମଣ୍ଡଳଙ୍କ ଫୋନ ସୁଇଚ୍ ଅଫ୍ ରହୁଥିବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି ।


Indian Oil Corporation Limited

Here is a joining letter format for Indian Oil Corporation Ltd DAET-17/11/2024

N- KISHORE KUMAR BEHERA
S/O-BHIMSEN BEHERA
AT-KHADANGA,KANYAJORA
PO-KENDRAPADA
PS-KENDRAPADA
DIST-KENDRAPADA
ODISSA 754211

Indian Oil Corporation Ltd
Paradeep Jagatsingpur
Paradeep, jagatsingpur 754142

POST OF THE: ADMINISTRATION (junior excitive)
DEAR MR KISHOREKUMARBEHERA,
I am writing to confirm my acceptance of the offer to join Indian Oil Corporation Ltd as (Designation ADMINISTRATION (excitive) in the officiyal department. I am excited to be a part of the team and contribute to the company's success. Your monthly salary 37,000.00 All treams condition is all provide indian oil Corporation Ltd....
Here are the details:
- Date of Joining: [27.11.2024]
- Reporting Time: [10.00am]
- Reporting HR Manager: [PRAFULLA KUMAR]

Please let me know what documents I need to bring on my first day and what the orientation process entails. If there's any additional information you need from me, please don't hesitate to ask.

Thank you for the opportunity, and I look forward to working with you.

I accept the offer
Thanks for the mail
Accepted
Reply/Forward

Indian Oil Corporation Ltd.
Paradeep, Odisha
754141

P.K. Mandal
HR Senior Manager
Indian Oil Corporation Ltd

ନକଲି ନିଯୁକ୍ତିପତ୍ର ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ରାଜନଗର,୧୧।୧
(ଭାସ୍କର ରାଉତରାୟ)



ସ୍ଥାନୀୟ କୁନ୍ଦପୁର ଗ୍ରାମର ସୁନାମଧନ୍ୟ ପାଲାଗାୟକ, ପଣ୍ଡିତ ସ୍ୱର୍ଗତ ଅଚ୍ୟୁତାନନ୍ଦ ଦାଶଙ୍କ ସ୍ତ୍ରୀ କୁଳତା ଦାଶଙ୍କ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ସ୍ୱର୍ଗତା କୁଳତା ଦେବୀ ମିଷ୍ଟଭାଷୀ, ଆଧ୍ୟାତ୍ମିକବାଦୀ, ପରୋପକାରୀ ମହିଳା ଭାବେ ବେଶ ପରିଚିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଏବଂ ବନ୍ଧୁ ପରିବାର ଲୋକ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଏକମାତ୍ର ପୁତ୍ର ସୁଶାନ୍ତ କୁମାର ଦାଶ ମୁଖାଗ୍ନି ଦେଇଥିଲେ ।

# ଆଜିଠାରୁ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ

ରାଜନଗର,୧୧।୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବଡପଲ୍ଲୀଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ପକ୍ଷରୁ ଆସନ୍ତା ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପୀ ୪୩ତମ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି ଚଞ୍ଚଳା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ, ସଭାପତି ତପନ କୁମାର ପରିଡା, କୋଷାଧ୍ୟକ୍ଷ ଲିଟୁ ସ୍ୱାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏଥିରେ ଓଡ଼ିଶାର ୮ କ୍ରିକେଟ କ୍ଲବ ସହିତ ୨ଟି ମହିଳା ଦଳ ମଧ୍ୟ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଟୁର୍ନାମେଣ୍ଟରେ ବିଜେତା ଦଳ ଓ ଉପବିଜେତା ଦଳକୁ ୫୦ହଜାର ଓ ୩୦ହଜାର ଟଙ୍କା ପ୍ରଦାନ କରାଯିବ । ଜାନୁଆରୀ ୧୨ ପ୍ରଥମ କ୍ୱାର୍ଟର ଫାଇନାଲ ୱାରିୟର୍ସ କ୍ରିକେଟ କ୍ଲବ ଯାଜପୁର ସହିତ ୟୁନିକ କ୍ରିକେଟ ଏକାଡେମୀ ଭଦ୍ରକ, ୧୩ ତାରିଖରେ ଜଟଣୀ କ୍ରିକେଟ ଏକାଡେମୀ ଖୋର୍ଦ୍ଧା ସହିତ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର, ୧୪ରେ ପ୍ରଥମ ସେମି ଫାଇନାଲ, ୧୫ ଜାନୁଆରୀ ୨ୟ କ୍ୱାର୍ଟର ଫାଇନାଲରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ ଇନ୍ଦୁପୁର କେନ୍ଦ୍ରାପଡ଼ା ସହିତ ନିମପୁର ସ୍ପୋର୍ଟ୍ସ କ୍ଲବ ଜଗତପୁର, କଟକ, ୧୬ ଜାନୁଆରୀରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଭୁବନେଶ୍ୱର ସହିତ ଜୁବେନାଲ କ୍ରିକେଟ ଏକାଡେମୀ କଟକ ମଧ୍ୟରେ ଅନୁଷ୍ଠିତ ହେବ । ୧୭ରେ ୨ୟ ସେମି ଫାଇନାଲ ଅନୁଷ୍ଠିତ ହେବ । ୧୮ରେ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ ଓ ୧୯ରେ ଫାଇନାଲ ମ୍ୟାଚ ଖେଳା ଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ବଡ଼ମୂଳବସନ୍ତ ୟୁୱାଇସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପଟ୍ଟାମୁଣ୍ଡାଇ,୧୧।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୂଳବସନ୍ତ ୟୁନାଇଟେଡ଼ ୟୁଥ କ୍ଲବ ପକ୍ଷରୁ ୪୦ବର୍ଷରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନେଇ ଆୟୋଜିତ ୟୁୱାସି କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ୟୁୱାସି ସଭାପତି ସଂଗ୍ରାମ କେଶରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ନିତାଇ ଚୈତନ୍ୟ ହାଇସ୍କୁଲ ପଡ଼ିଆରେ ଆୟୋଜିତ ୟୁୱାସି କ୍ରିକେଟ ଟୁର୍ନାମେଣ୍ଟର ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ସୁଶାନ୍ତ ସାହୁ ମୁଖ୍ୟବକ୍ତା, ବରିଷ୍ଠ ଖବରଦାତା ଅକ୍ଷୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରିକେଟ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ୍‌ରେ ନରେନ୍ଦ୍ରପୁର, ବନ୍ଧସାହି, ନୀଳକଣ୍ଠପୁର,ସାନ ମୂଳବସନ୍ତ ବାବା ରାମଦାସ, ବାଲିପଡ଼ା, ଗାଙ୍ଗପଡା, ଟିଚର ଟିମ, ବେଲତଳ ଆଦି ୮ଟି କ୍ରିକେଟ ଦଳ ଭାଗ ନେଇଥିଲେ । ରବିବାର ୮ଟି କ୍ରିକେଟ ଦଳ ମଧରେ ମୁକାବିଲା ହେବ । ୧୪ ତାରିଖରେ ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି ଟୁର୍ନାମେଣ୍ଟକୁ ଅରୁଣ ଦାସ, ପ୍ରଦ୍ୟୁମ୍ନ ପାତ୍ର, ବିଶ୍ୱରଞ୍ଜ ସେଠୀ, ଗଗନ ପ୍ରଧାନ ପରିଚାଳନା କରିଥିଲେ ।

# ବଙ୍ଗଳପୁର ସେବା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ବଙ୍ଗଳପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ ।

ପାଟକୁରା,୧୧।୧(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ୍ ବଙ୍ଗାଳପୁର ସେବା ସମବାୟ ସମିତି ପକ୍ଷରୁ ସମିତି କାର୍ଯ୍ୟାଳୟ ପରିସରରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସମିତିର ସଭାପତି ରମେଶ ଚନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ ଅମୀୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇ ମଣ୍ଡିକୁ ଉଦଘାଟନ କରିଥିଲେ । ସରକାରଙ୍କ ନିୟମ ଅନୁସାରେ ଏଫ୍‌ଏକ୍ୟୁ ଧାନ ନିର୍ଦ୍ଧାରିତ ଅର୍ଥ ରାଶି ଦ୍ୱାରା ସମିତି କିଣିବା ପରେ ସବ୍‌ସିଡ ଇନ୍‌ପୁଟ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି । ତେବେ କେତେଜଣ ଚାଷୀ ଟୋକନ୍ ପାଇଥିଲେ ମଧ ଅଦ୍ୟାବଧି ବହୁ ଚାଷୀ ଟୋକନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାଛଡା ମିଲର ଚୟନ ହୋଇ ନ ପାରିବା ହେତୁ ଧାନ କିଣା ବିଳମ୍ବ ହେଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ଅବସରରେ ସମିତିର ସମ୍ପାଦକ ସତ୍ୟରଞ୍ଜନ ପାତ୍ର, ସହ ସମ୍ପାଦକ ଦୀପେଶ ରାଉତରାୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାନ୍ତ କୁମାର ସାହୁ, ସମିତିର ନିର୍ଦ୍ଦେଶକ ପ୍ରଦୀପ୍ତ ସାମଲ, ରମାକାନ୍ତ ରାଉତ, ଚାଷୀ ପ୍ରମୋଦ କୁମାର ନାୟକ, ଜ୍ଞାନରଞ୍ଜନ ନାୟକ, ଶୈଳେନ୍ଦ୍ର ଲେଙ୍କା ,ସୁବାସ ସାମଲ ,ସନ୍ତୋଷ ଜେନା ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

# ପ୍ରହସନ ପାଲଟିଛି ସଡ଼କ ସୁରକ୍ଷା ସଚେତନତା

■ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିଛି
■ ସହରରେ ବଢୁଛି ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ
■ ନିଷେଧାଦେଶ ସତ୍ତ୍ୱେ ଚାଲୁଛି ଟ୍ରେକର
■ ମାଲବୁହା ଗାଡ଼ିରେ ଶ୍ରମିକ ପରିବହନ

ପଟ୍ଟାମୁଣ୍ଡାଇ,୧୧।୧(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାରେ ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ମାସ ପାଳନ କରାଯାଉଛି । ଏଥିନେଇ ଆରଟିଓ ପକ୍ଷରୁ ଗୁରୁବାର ପଟ୍ଟମୁଣ୍ଡାଇ ବଜାରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଏହି ମାସ ପାଳନ ନିମନ୍ତେ ରାଜକୋଷରୁ ଅର୍ଥ ବିନିଯୋଗ କରାଯାଉଛି । ହେଲେ ସଡ଼କ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି । ଏହା ସହ ତାଳ ଦେଇ ବଢୁଛି ମୃତାହତଙ୍କ ସଂଖ୍ୟା । ତେବେ ସଡ଼କ ସୁରକ୍ଷା ସଚେତନତା ନାଁରେ ଏକରକମ ପ୍ରହସନ ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ସମାଲୋଚନା କରାଯାଇଛି ।

ବୁଦ୍ଧିଜୀବୀ ରମେଶ ଦେ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ସଡ଼କ ଦୁର୍ଘଟଣାର ମାତ୍ରା ବଢ଼ି ଚାଲିଛି । ଏଥିପାଇଁ ଘରୁ ଗୋଡ଼ କାଢ଼ିବାକୁ ଭୟ ଲାଗୁଛି । ବଜାରରେ ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ ବଢ଼ିଛି । ସହର, ବଜାର କିମ୍ବା କଲୋନୀ ଅଞ୍ଚଳ ରାସ୍ତାରେ ଦ୍ରୁତଗତିରେ ଗାଡ଼ି ଚାଳନା ଉପରେ କଟକଣା ରହିଛି । ଏପରି କି ଡାକ୍ତରଖାନା, ସ୍କୁଲ ନିକଟରେ ଉଚ୍ଚଶବ୍ଦରେ ହର୍ଣ୍ଣକୁ ମଧ ବାରଣ କରାଯାଇଛି । ଏହାର ଉଲ୍ଲଂଘନ ହେଲେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । କିନ୍ତୁ ପଟ୍ଟାମୁଣ୍ଡାଇ ସହରରେ ଏପରି କଟକଣାକୁ ଖାତିର କରାଯାଉ ନ ଥିବା ଦୈନିକ ଦେଖାଯାଉଥିଲେ ମଧ ପୋଲିସ ଓ ପରିବହନ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଛନ୍ତି ଏପରି ବାଇକ୍ ଚାଳକଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇରେ ତାହା ପାଳନ ହେଉନାହିଁ । ଯାହାକୁ ନେଇ ସ୍ପିଡ୍ ବାଇକ୍ ଚାଳକଙ୍କ ଉତ୍ପାତ ଓ ଆତଙ୍କ ବଢ଼ି ବଢ଼ି ଚାଲିଛି ।

ଶିକ୍ଷାବିତ ପ୍ରେମାନନ୍ଦ ପଣ୍ଡା କୁହନ୍ତି, ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଲୋକମାନଙ୍କୁ ସୁରକ୍ଷିତ ଯାତ୍ରା ବାବଦରେ ସଚେତନ କରାଯାଉଛି । ହେଲେ ଉକ୍ତ କାର୍ଯ୍ୟକ୍ରମ ଯେ ଭାଷଣ ଓ ରାଲି ଭିତରେ ସୀମିତ ରହିଯାଇଥିବା ଦେଖାଯାଉଛି । ସରକାର ୨୦୧୫-୧୬ରେ ଟ୍ରେକରଗୁଡ଼ିକୁ ନିଷେଧାଦେଶ ଜାରି କରିଥିଲେ ବି ଟ୍ରେକରଗୁଡିକ ରାସ୍ତାରେ ଗଡୁଛି । ଅଧିକାଂଶ ଟ୍ରେକର ପଟ୍ଟାମୁଣ୍ଡାଇରୁ କେନ୍ଦ୍ରାପଡ଼ା, ରାଜନଗର, ଆଳି ଆଦି ଅଞ୍ଚଳକୁ ଯାଉଛି । ଯାତ୍ରୀମାନେ ଟ୍ରେକର ପଛରେ ଓହଳି ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି । ସେହିପରି ବିଭିନ୍ନ ରାସ୍ତାରେ ଯାଉଥିବା ଏକାଧିକ ପିକ୍‌ଅପ୍ ଭ୍ୟାନ ଓ ଅଟୋ ଡାଲାରେ ମାତ୍ରାଧିକ ଦିନ ମଜୁରିଆ ଶ୍ରମିକ ମାନଙ୍କୁ ନେଇ ଯାତ୍ରା କରୁଛନ୍ତି । ବୁଦ୍ଧିଜୀବୀ ଭବାନୀ ପଣ୍ଡା କୁହନ୍ତି, ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ସରକାରୀସ୍ତରରେ ଅର୍ଥ ବ୍ୟୟ କରି ଅନେକ ଯୋଜନା ତିଆରି କରାଯାଉଛି । ଏଥିନେଇ ବିଭିନ୍ନ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ରାଜ୍ୟ ସରକାର ୪ରୁ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନକରିଥାଆନ୍ତି । କିନ୍ତୁଦୁର୍ଘଟଣା ଥମିବା ତ ଦୂରର କଥା ସେସବୁ ଯୋଜନାକୁ ଉପହାସ କଲା ଭଳି ଦୁର୍ଘଟଣା ବୃଦ୍ଧି ପାଇ ଚାଲିଛି ।



ପଟ୍ଟାମୁଣ୍ଡାଇ ରାସ୍ତା ପାର୍ଶ୍ୱରେ ଯାତ୍ରୀଙ୍କୁ ନେବାକୁ ଅପେକ୍ଷା କରିଥିବା ଟ୍ରେକର ।

ସରକାରୀ ତଥ୍ୟ ଅନୁସାରେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଘଟି ୨୦୧୫ରେ ୪୩୦୩, ୨୦୧୬ ରେ ୪୪୬୩, ୨୦୧୭ରେ ୪୭୯୦, ୨୦୧୮ ରେ ୫୩୧୫, ୨୦୧୯ ରେ ୫୩୩୩, କରୋନା କଟକଣା ସତ୍ତ୍ୱେ ୨୦୨୦ରେ ୪୭୩୮, ୨୦୨୧ରେ ୫୦୮୧ ଓ ୨୦୨୨ ରେ ୫୪୬୭ ଜଣଙ୍କ ଅକାଳରେ ଜୀବନ ଯାଇଛି । ସେହିପରି ୨୦୨୩ ରେ ଦୁର୍ଘଟଣା ସଂଖ୍ୟା ୧୨ ହଜାର ୫୨ ଥିଲା । ଏଥିରେ ୫ ହଜାର ୬୯୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ ହଜାର ୪୧୯ ଜଣ ଗୁରୁତର ଆହତ ହୋଇଥିଲେ । ମାତ୍ର ୨୦୨୪ର ସଡ଼କ ରିପୋର୍ଟ (ଆକସିଡେଣ୍ଟ ଇନ ଇଣ୍ଡିଆ) ପୋର୍ଟାଲରେ ଅପ୍‌ଲୋଡ ହୋଇନାହିଁ । ହେଲେ ୨୦୨୪ରେ ଅନେକ ବଡ଼ ଦୁର୍ଘଟଣା ଘଟିଥିବାରୁ ୨୦୨୩ ତୁଳନାରେ ଉଭୟ ମୃତକ ଓ ଆହତଙ୍କ ସଂଖ୍ୟା ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି । ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ସଚେତନତା ନାଁରେ ଯାହାସବୁ ପଦକ୍ଷେପ ନିଆଯାଉଛି ସେସବୁର କୌଣସି ଅର୍ଥ ରଖୁନାହିଁ । ଏ ନେଇ କେନ୍ଦ୍ରାପଡ଼ା ପରିବହନ ଅଧିକାରୀ ଧିରେନ୍ଦ୍ର ନାୟକଙ୍କୁ ପଚାରିବାରେ ଯେ ପର୍ଯ୍ୟନ୍ତ ଲୋକେ ନିଜ ସ୍ତରରେ ସଚେତନ ହେବେନି, ସେ ପର୍ଯ୍ୟନ୍ତ ଦୁର୍ଘଟଣା ହ୍ରାସ ହେବ ନାହିଁ ବୋଲି କହିଛନ୍ତି ।

# ଡେଙ୍ଗାବାରି-ଭଣ୍ଡାରିବାରି ରାସ୍ତା ପକ୍କା ହେବ

- ୯ ଗାଁକୁ ହେବ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା
- ପ୍ରାଥମିକ ସର୍ଭେ ଆରମ୍ଭ

ନୂଆଗାଁ,୧୧।୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ରାସ୍ତା ସମସ୍ୟା ଭୋଗୁଥିବା ୯ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପକ୍କା ରାସ୍ତା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ପାହାଡ଼,ଜଙ୍ଗଲ ଦେଇ ଆସୁଥିବା ଆଦିବାସୀ ଅଧ୍ୟୁଷିତ କାପ୍ତାପଲି ପଞ୍ଚାୟତର ଡେଙ୍ଗାବାରୀ ଓ ଭଣ୍ଡାରୀବାରି, ବଡତାମନାଡ୍ଡୁ ଗ୍ରାମକୁ ପକ୍କା ରାସ୍ତା କରିବା ପାଇଁ ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସର୍ଭେ ଆରମ୍ଭ କରିଛନ୍ତି ।

ନୂଆଗାଁ ବ୍ଲକର ଅନେକ ଗ୍ରାମ ରହିଛି ଯାହାର ରାସ୍ତା ହେଉଛି ମୁଖ୍ୟ ସମସ୍ୟା। ରାସ୍ତା ସମସ୍ୟା ଦୂର କରିବା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲା । ଏହା ପରେ ରାସ୍ତା ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଯାହା ଅନୁଦାନ ଦିଆଯାଏ ସେଥିରୁ ଅଳ୍ପ କିଛି ଖର୍ଚ୍ଚରେ ତାଳିପକା କାମ କରାଯାଇ ଅବଶିଷ୍ଟ ଅନୁଦାନକୁ ଆତ୍ମସାତ୍ କରାଯାଇଥିଲା। ଫଳରେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଲୋକମାନେ ରାସ୍ତା ନ ଥିବାରୁ ଅନେକ ସମସ୍ୟା ଭୋଗୁଛନ୍ତି। କାପ୍ତାପଲି ପଞ୍ଚାୟତର ଡେଙ୍ଗାବାରୀ ଓ ଭଣ୍ଡାରୀବାରୀ ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ରାଜ୍ୟପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଉଭୟ ଡେଙ୍ଗାବାରୀ ଓ ଭଣ୍ଡାରୀବାରୀ ଗ୍ରାମକୁ ରାସ୍ତା ନିର୍ମାଣ କରିବା ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୪୦ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ଠିକାଦାର କାମ କରିବା ପାଇଁ ସୂଚନା ଫଳକ ନିର୍ମାଣ କରିଥିଲେ ମଧ୍ୟ ସେଥିରେ କେଉଁ କାମ ହେବ ସୂଚନା ନ ଲେଖି ସମସ୍ତଙ୍କୁ ଅନ୍ଧାରରେ ରଖି ନିଜ ଇଚ୍ଛା ମୁତାବକ କାମ କରିଥିଲେ। ଏପରିକି ଅଦ୍ୟାବଧି ୩୩ ଲକ୍ଷ ଖର୍ଚ୍ଚ ହୋଇଥିଲେ ମଧ୍ୟ ଆଶାନୁରୂପ ଭାବେ କାମ ହୋଇ ନାହିଁ। ବଳକା ୭ ଲକ୍ଷ ଟଙ୍କାର ଅନୁଦାନ ପଡି ରହିଥିବା ବେଳେ ଲୋକମାନେ ରାସ୍ତା ସମସ୍ୟା ଯୋଗୁ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ।

ବର୍ତ୍ତମାନ ସରକାର ପ୍ରତି ଗାଁକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ କରିବାର ନିଷ୍ପତ୍ତି ନେଇ ଆରଡି ବିଭାଗ ଦ୍ୱାରା ସର୍ଭେ କରିବା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ନୂଆଗାଁ ବ୍ଲକର ବଡତାମନାଡ୍ଡୁ, ଦିଗ୍, ଭଣ୍ଡାରୀବାରୀ, ଡେଙ୍ଗାବାରୀ, ଲୁହାରଖଣି, ବାମୁରୀ, ସୀମା, ବୁରୁଦେଇ ଆଦି ୯ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ କରାଯିବ। ଏ ନେଇ ଆରଡି କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ସାହୁ, କାପ୍ତାପଲି ସରପଞ୍ଚ ସାରସଧର ସାହୁଙ୍କ ସହଯୋଗରେ ସର୍ଭେ ଆରମ୍ଭ ହୋଇଛି। ଏହି ଖବର ପାଇ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଠିକାଦାର ବଳକା ୭ ଲକ୍ଷରୁ ଅଳ୍ପ କିଛି ଖର୍ଚ୍ଚ କରି ଅନୁଦାନକୁ ଆତ୍ମସାତ କରିବାର ଯୋଜନା ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି। ଆରଡି ରାସ୍ତା ନିର୍ମାଣ ପୂର୍ବରୁ ବଳକା ୭ ଲକ୍ଷ ବ୍ୟୟ ବାବଦରେ ସରପଞ୍ଚ ସାହୁଙ୍କୁ ପଚାରିବାରେ ଉକ୍ତ ଟଙ୍କାରେ ରାସ୍ତାର ଭିତ୍ତିଭୂମି ନିର୍ମାଣ କରାଯିବ ବୋଲି କହିଥିବା ବେଳେ ଅଯଥା ଖର୍ଚ୍ଚ ନ କରି ଯଦି ଆବଶ୍ୟକ ପଡେ ମୋରୁମ୍ ପଡିବ ବୋଲି ବ୍ଲକ କନିଷ୍ଠ ଯନ୍ତ୍ରୀ ନେତ୍ରାଞ୍ଜନ ମିଶ୍ର କହିଛନ୍ତି ।


ରାସ୍ତା ବାବଦରେ ଆରଡି ଯନ୍ତ୍ରୀ ଓ ସରପଞ୍ଚ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।


ଅବହେଳିତ ଭାବେ ପଡିଥିବା ଡେଙ୍ଗାବାରି ରାସ୍ତା।

## କାପ୍ତାପଲିରେ ମାଘପୋଡ଼ା ପର୍ବ

ନୂଆଗାଁ,୧୧।୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତ କାପ୍ତାପଲି ଗ୍ରାମରେ ଶୁକ୍ରବାର ମାଘପୋଡ଼ା ପର୍ବ ପାଳିତ ହୋଇଯାଇଛି। କାପ୍ତାପଲି ଗ୍ରାମରେ ପୁରୁଷ ପୁରୁଷ ଧରି ମାଘପୋଡ଼ା ପର୍ବ ପାଳନ କରାଯାଉଛି। ପୌଷ ମାସ ଶାମ୍ବ ଦଶମୀ ପର ଦିନ ଅର୍ଥାତ ଏକାଦଶୀ ଦିନ ଏହି ପର୍ବ ପାଳନ କରାଯାଇଥାଏ। ତେବେ ଗ୍ରାମ ଓ ଗ୍ରାମବାସୀଙ୍କ ମଙ୍ଗଳ ପାଇଁ ଏହି ପର୍ବ ପାଳନ କରାଯାଇଥାଏ । ମାଘପୋଡ଼ା ଅବସରରେ ବଳି ପ୍ରଥା ବର୍ତ୍ତମାନ ସୁଦ୍ଧା ରହି ଆସିଛି। ଦିନରେ ଗ୍ରାମଦେବତୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସନ୍ଧ୍ୟାରେ ମା' ଘୁଘୁଡି ଦେବୀଙ୍କ ପୀଠରେ ପୂଜା କରାଯାଇଥାଏ । ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମ ମଝିରେ କାଠ ଗଦା କରାଯାଇଥାଏ ଏବଂ ଉକ୍ତ କାଠକୁ ଦିନ ବେଳେ ପୂଜାର୍ଚ୍ଚନା କରି ରାତିରେ ଅଗ୍ନି ସଂଯୋଗ କରାଯାଇଥାଏ। ସେଠାରେ ଏତେ ପରିମାଣର କାଠ ଜମା କରାଯାଇଥାଏ ଯେ ସେଥିରେ ଅଗ୍ନି ପ୍ରାୟ ୨ଦିନ ପର୍ଯ୍ୟନ୍ତ ରହିଥାଏ ବୋଲି ଗ୍ରାମବାସୀ କହିଛନ୍ତି ।


ଅଗ୍ନି ସଂଯୋଗ ପାଇଁ କାଠ ପ୍ରସ୍ତୁତ ରଖି ପୂଜାର୍ଚ୍ଚନା କରାଯାଉଛି ।

## ଶ୍ରୀନୀଳମାଧବଙ୍କ ମନ୍ଦିରରେ ପ୍ରସାଦ ସେବନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ଖଣ୍ଡପଡ଼ା,୧୧।୧
(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ସର୍ବଜନ ବିଦିତ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର। ବର୍ଷ ତମାମ ରାଜ୍ୟ ତଥା ରାଜ୍ୟ ବାହାରୁ ଓ ବିଦେଶୀ ପର୍ଯ୍ୟଟକମାନେ ନୀଳମାଧବଙ୍କୁ ଦର୍ଶନ କରିବାକୁ ଆସିଥାଆନ୍ତି। ବିଶେଷ କରି ଚଳିତ ବର୍ଷ ନବବର୍ଷ ଅବସରରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ଦର୍ଶନ କରିବା ସହ ପ୍ରସାଦ ସେବନ ପାଇଁ ମନ୍ଦିର ବେଢାରେ ଭିଡ଼ ଜମାଉଛନ୍ତି। ପର୍ଯ୍ୟଟକମାନେ ପୁରୀ ଶ୍ରୀ ମନ୍ଦିର ଆନନ୍ଦ ବଜାର ପରି ଶ୍ରୀ ନୀଳମାଧବଙ୍କ ମନ୍ଦିର ବେଢାରେ ଏକାଠି ବସି ପ୍ରସାଦ ସେବନ କରି ବେଶ ଆନନ୍ଦ ଅନୁଭବ କରୁଛନ୍ତି । ପଶ୍ଚିମବଙ୍ଗ ଅଞ୍ଚଳରୁ ପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବା କେତେକ ବଙ୍ଗୀୟ ପର୍ଯ୍ୟଟକ ପ୍ରସାଦ ସେବନ କରିବା ପରେ ଏହା ଶ୍ରୀ ନୀଳମାଧବଙ୍କ ଆନନ୍ଦ ବଜାର ବୋଲି ମତ ଦେଇଥିଲେ । ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ଓ ପ୍ରସାଦ ସେବନକୁ ଦୃଷ୍ଟିରେ ରଖି ଏହାକୁ ସୁବ୍ୟବସ୍ଥିତ କରିବା ପାଇଁ କଣ୍ଟିଲୋ ଅଞ୍ଚଳର ବହୁ ସଚେତନ ନାଗରିକ ମତ ଦେଇଛନ୍ତି। ପ୍ରସାଦ ସେବନ ସ୍ଥାନରେ ଉଜ୍ଜ୍ୱଳ ଆଲୋକୀକରଣ ଓ ପାନୀୟ ଜଳର ବ୍ୟବସ୍ଥା ସହ ପ୍ରସାଦ ବିକ୍ରୀ ନିମନ୍ତେ ଏକାଧିକ ମଣ୍ଡପର ବ୍ୟବସ୍ଥା କରାଗଲେ ପର୍ଯ୍ୟଟକମାନେ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଏଥିପ୍ରତି ଖଣ୍ଡପଡା ଦେବୋତର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ତହସିଲଦାର, ଜିଲାପାଳ ଦୃଷ୍ଟି ଦେବାକୁ କଣ୍ଟିଲୋ ଅଞ୍ଚଳବାସୀ ଦାବି କରିଛନ୍ତି।

## ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଖଣ୍ଡପଡ଼ା,୧୧।୧(ଅଜୟ କୁମାର ମହାରଣା)

ଖଣ୍ଡପଡା ସ୍ଥିତ ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡା ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି। ୩ ଦିନ ବ୍ୟାପୀ ଆୟୋଜିତ କ୍ରୀଡା ଉତ୍ସବକୁ ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ କଳା ଶିକ୍ଷକ ଲଡୁକିଶୋର ସିଂହସାମନ୍ତ ଉଦ୍‌ଘାଟନ କରିଥିଲେ। ଶିକ୍ଷାକେନ୍ଦ୍ରର ସ୍କାଉଟ ଶିକ୍ଷକ ଦିଲ୍ଲୀପ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରାରେ ଖଣ୍ଡପଡ଼ା ସହର ପରିକ୍ରମା କରି ଅନୁଷ୍ଠାନ ପରିସରରେ ପହଞ୍ଚିବା ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ଆରମ୍ଭ ହୋଇଥିଲା । ସ୍ଥାନୀୟ ମା'ଉମାଦେବୀଙ୍କ କ୍ରୀଡାଙ୍ଗନରେ ଆୟୋଜିତ କ୍ରୀଡା ପ୍ରତିଯୋଗୀତାରେ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସ୍କୁଲ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ

### ଶିକ୍ଷକ ଓ ଅଭିଭାବକ ବୈଠକ

ଖଣ୍ଡପଡ଼ା,୧୧।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନୋଡାଲ ୟୁପି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିଶିର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିବା ଅଭିଭାବକମାନେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଶେଷ କରି ଅସୁରକ୍ଷିତ ଶ୍ରେଣୀଗୃହରେ ଛାତ୍ରୀଛାତ୍ରମାନେ ବସି ପାଠ ପଢୁଥିବା ବେଳେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନ ଥିବାରୁ ସଞ୍ଜ ନଇଁଲେ ଅସାମାଜିକ ଯୁବକମାନେ ଅନୁଷ୍ଠାନ ପରିସରରେ ଆଡ୍ଡା ଜମାଉଥିବାରୁ ଏ ଅସନ୍ତୋଷ ପ୍ରକାଶ କରିଥିଲେ । ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ ଦିଗରେ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଧ୍ୟାନ ଦେଉ ନ ଥିବାରୁ ସମୟାନୁକ୍ରମେ ବିଦ୍ୟାଳୟଟି ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଅଭିଭାବକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପ୍ରଦାନ କରିବା ସହ ବିଦ୍ୟାଳୟର ସାମଗ୍ରୀକ ବିକାଶ ନିମନ୍ତେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇ ଦିଆଯାଇଥିବା ନେଇ ମତ ଦେଇଥିଲେ । ତେବେ ଖୁବ୍‌ଶୀଘ୍ର ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ନୟାଗଡ଼ ଜିଲାପାଳ ଓ ଖଣ୍ଡପଡ଼ା ବିଧାୟକଙ୍କୁ ଭେଟି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ।


ଖଣ୍ଡପଡ଼ା ନୋଡାଲ ୟୁପି ବିଦ୍ୟାଳୟରେ ଆୟୋଜିତ ବୈଠକରେ ଅଭିଭାବକ ଓ ଶିକ୍ଷକ।

## ରାଜ୍ୟସ୍ତରୀୟ ଟି-୨୦ ଖଳିସାହି କପ୍ କ୍ରିକେଟ, କଟକ ବିଜୟୀ

ଖଣ୍ଡପଡ଼ା,୧୧।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ ପଡ଼ିଆରେ ଚାଲିଥିବା ୨ୟ ଟି-୨୦ ଖଳିସାହି କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ୟ ଲିଗ୍‌ମ୍ୟାଚ୍‌ରେ ବିଏନ୍‌ସିସି କଟକ ୬୬ ରନ୍‌ରେ ଏମ୍‌ବିସିସି ଚୌଦ୍ୱାରକୁ ପରାସ୍ତ କରି ବିଜୟୀ ହୋଇଛି। କଟକ ଟିମ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ୍ ହରାଇ ୧୯୧ ରନ ସଂଗ୍ରହ କରିଥିଲା । ଜବାବରେ ଚୌଦ୍ୱାର ଟିମ ମାତ୍ର ୧୨୫ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ରାକେଶ ୧୯ଟି ବଲରୁ ୨ଟି ଚୌକା ଓ ୬ଟି ଛକା ସହାୟତାରେ ୫୨ ସଂଗ୍ରହ କରି ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଥିଲେ । ରବି ନାରାୟଣ ମିଶ୍ର ଓ ଦୀପକ ସାହୁ ଖେଳକୁ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଗୌରାଙ୍ଗ ଚରଣ ସେଠୀ ଦାୟିତ୍ୱ ତୁଲାଇ ଥିଲେ। ମୁଖ୍ୟ ଅତିଥି ଭାବେ ଡ.ପ୍ରଦୀପ କୁମାର ପାଇକାରାୟ ଓ ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ଚନ୍ଦ୍ର ପୃଷ୍ଟି ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରବିବାର ତମାଣ୍ଡୋ କ୍ରିକେଟ୍ କ୍ଲବ୍ ସହ କଟକ କ୍ରିକେଟ୍ କ୍ଲବ୍ ମଧ୍ୟରେ ତୃତୀୟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।


ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

## ଜନରାଜ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ


ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଦଶପଲ୍ଲା,୧୧।୧(ପ୍ରକାଶ କୁମାର ପାଣି)

ଶୁକ୍ରବାର ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ଜନରରାଜ୍ୟ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଏନ୍‌ଏସି ଅଧ୍ୟକ୍ଷା ଇଂ.ପୁନମ ପ୍ରିୟଦର୍ଶିନୀ, ଏମ୍‌ପିଙ୍କ ପ୍ରତିନିଧି ଅଞ୍ଜନ ଦାଶ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲଙ୍କ ସମେତ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଏବଂ ଏକାଧିକ ଅନୁଷ୍ଠାନର କର୍ମକର୍ତ୍ତା ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଉକ୍ତ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ସମସ୍ତ ମତ ଦେଇଥିଲେ।

## ପଞ୍ଜୀକୃତ ହେଲା ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦ

ଖଣ୍ଡପଡ଼ା,୧୧।୧ (ଅଜୟ କୁମାର ମହାରଣା)

ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ କୃତୀ, ପ୍ରତିଭା ଓ ସ୍ମୃତିକୁ ଜନମାନସରେ ଉଜ୍ଜୀବିତ କରି ରଖିବାର ଲକ୍ଷ୍ୟ ନେଇ ଗଠିତ ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦ ଇତି ମଧ୍ୟରେ ସରକାରଙ୍କ ଦ୍ୱାରା ପଞ୍ଜିକୃତ ହୋଇଛି । ଖଣ୍ଡପଡା ସହରର ୧୨ ନଂ. ୱାର୍ଡ ଟିନିକଳ ସାହିରେ ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦର କାର୍ଯ୍ୟାଳୟ ରହିଥିବା ବେଳେ ସାମାଜିକ କାର୍ଯ୍ୟ ନିମନ୍ତେ ଏହି ପରିଷଦ ଉଦ୍ଦିଷ୍ଟ ବୋଲି ପରିଷଦର ମୁଖ୍ୟ ମହେନ୍ଦ୍ର କୁମାର ବାରିକ କହିଛନ୍ତି ।

## ୧୫କ ପଣିକିଆରେ କନ୍ୟାରତ୍ନ ସଚେତନତା

### ପଣିକିଆ ଭାଇରାଲ ଗାର୍ଲ ପ୍ରୀତି ସୁଲଗ୍ନା ଓ ଶ୍ରୁତି ସୁଲଗ୍ନା ପୁଣି ଚର୍ଚ୍ଚାରେ

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

୧୫କ ପଣିକିଆରେ କନ୍ୟା ରତ୍ନ ପ୍ରସଙ୍ଗ ଉପରେ ସୁନ୍ଦର ଭାବେ ଗୀତ ଗାଇ ପଣିକିଆ ଭାଇରାଲ ଗାର୍ଲ ପ୍ରୀତି ସୁଲଗ୍ନା ଓ ଶ୍ରୁତି ସୁଲଗ୍ନା ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଣପୁରର ସାଙ୍ଗମାନଙ୍କୁ ନେଇ ଏହି ଦୁଇ ଭଉଣୀ ସଜେଇ ହୋଇ ୧୫କ ପଣିକିଆକୁ ଅତି ସୁନ୍ଦର ଭାବେ ଉପସ୍ଥାପନ କରିଛନ୍ତି। ଜାତୀୟ ଶିଶୁ କନ୍ୟା ଦିବସ ଉପଲକ୍ଷେ ପ୍ରସ୍ତୁତ ହୋଇଥିବା ଏହି ଗୀତର ଛନ୍ଦ ରଚନା କରିଛନ୍ତି ଓସେପାର ଅତିରିକ୍ତ ନିର୍ଦ୍ଦେଶକ ସନାତନ ପଣ୍ଡା। ନିଜର ପ୍ରତିଟି ପଣିକିଆରେ ସବୁବେଳେ ପ୍ରୀତି ଶ୍ରୁତି ନେଇ ଆସନ୍ତି ସମାଜ ପାଇଁ କିଛି ନା କିଛି ସଚେତନତାର ବାର୍ତ୍ତା।

ଏହାଦ୍ୱାରା ପଣିକିଆ ମନେ ରଖିବା ସହଜ ହେବା ସହିତ, ଓଡ଼ିଶା ର ସଂସ୍କୃତି, ଜଙ୍ଗଲ ସୁରକ୍ଷା, ସଡ଼କ ସୁରକ୍ଷା, ମିଲେଟର ଉପାଦେୟତା, ଭୋଟର ସଚେତନତା, ନିଶାମୁକ୍ତ ଓଡ଼ିଶା, ଦିବ୍ୟାଙ୍ଗ ସୁରକ୍ଷା ଏବଂ ସାଇବର ସଚେତନତା ଆଦି ବିଷୟରେ ଶିଶୁମାନେ ଅବଗତ ହୋଇ ଥାଆନ୍ତି । ପ୍ରୀତି ଶ୍ରୁତିଙ୍କ କଣ୍ଠରେ ପ୍ରତିଟି ପଣିକିଆ ଲାଗେ ଅତ୍ୟନ୍ତ ନିଆରା। ସମ୍ପ୍ରତି ୧୫କ ପଣିକିଆରେ କନ୍ୟା ରତ୍ନ ଗୀତଟି ସାମାଜିକ ଗଣମାଧ୍ୟମରେ ଖୁବ୍ ଆଦୃତ ହେବାରେ ଲାଗିଛି। ୟୁଟୁବ ଚ୍ୟାନେଲ ଆମ ନୟାଗଡ଼ ମାଧ୍ୟମରେ ପ୍ରୀତି ଶ୍ରୁତିଙ୍କ ସମସ୍ତ ଗୀତ ଉପଲବ୍ଧ ହେଉଛି। ସଙ୍ଗୀତ ଓ ଅଭିନୟରେ ରୁଚି ରଖିଥିବା ନୟାଗଡ଼ର ଏହି ଦୁଇ ଭଉଣୀ ଓଡ଼ିଶାବାସୀଙ୍କଠାରୁ ଅନେକ ସ୍ନେହ ଶ୍ରଦ୍ଧା ସାଉଁଟି ଭବିଷ୍ୟତରେ ଭଲ ମଣିଷ ହେବାର ସ୍ୱପ୍ନ ଦେଇଛନ୍ତି।


ପ୍ରୀତି ସୁଲଗ୍ନା ଓ ଶ୍ରୁତି ସୁଲଗ୍ନା ପଣିକିଆ ବୋଲି ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ବଣଭୋଜି, ବାଲିଚଲାଖିଆ ପର୍ବର ମଜା ଉଠାଇଲେ ମହିଳା

ଖଣ୍ଡପଡ଼ା,୧୧।୧(ଅଜୟ କୁମାର ମହାରଣା)

ପୁରାଣର ଲୋକ କଥାକୁ ଉଜ୍ଜୀବିତ ରଖିବା ତଥା ମନସ୍କାମନା ପୁରଣ ପାଇଁ ଶନିବାର କଣ୍ଟିଲୋ ଓ ଏହାର ଆଖ ପାଖ ପଥରଚକଡା, ବାଣପୁର, ଧାନଚେଙ୍ଗଡା, ମାଧପୁର, କାଳିଆପଲ୍ଲୀ, ତେନ୍ତୁଳାପଲ୍ଲୀ ଆଦି ଅଞ୍ଚଳର ଝିଅ ବୋହୂ, ମହିଳାମାନେ ମହାନଦୀ, କମେଇ ଓ ଆଖପାଖରେ ଥିବା ପାହାଡକୁ ଯାଇ ବଣ ଭୋଜି ଓ ବାଲିଚଲାଖିଆ ପରମ୍ପରା ପାରମ୍ପରିକ ରୀତିରେ ପାଳନ କରିଛନ୍ତି । ବନ ଦୁର୍ଗାଙ୍କୁ ମାନସିକ କରି ତୁଳସୀ, ଫୁଲ, ଧାନ ଗଛ, ଆଖୁ ରଖି ମହିଳାମାନେ ବାଲିରେ ଅବା ପାହାଡ ଉପରେ ବେଦୀ ପ୍ରସ୍ତୁତ କରି ଭାଗବତର ଗୋପଲୀଳା ଅଧ୍ୟାୟ ପାଠ କରିଥିଲେ । ଏହି ପର୍ବର ବିଶେଷତ୍ୱ ହେଉଛି, ବର୍ଷର ଆଜିର ଦିନରେ ସଂପୃକ୍ତ ଅଞ୍ଚଳର ବହୁ ମହିଳା ଓ ବାଳିକା ମହାନଦୀର ଆରପାରିକୁ ଓ ମହାନଦୀ, କମେଇ ନଦୀର ସଙ୍ଗମ ସ୍ଥଳ ବାଲି ପଠାକୁ ମୋଟର ବୋଟ ଓ ଡଙ୍ଗାରେ ଯାଇ ଅଥବା ନିକଟସ୍ଥ ପାହାଡ଼ ଉପରକୁ ଯାଇ ବଣ ଭୋଜି କରିଥାଆନ୍ତି। ସାଙ୍ଗରେ ନେଇଥିବା ପିଠା, ଧନୁ ମୁଆଁ, ବରା, ପକୁଡି, ଗୁଡ ଚାଉଳ ଗୁଣ୍ଡ ମିଶ୍ରିତ ପୋଡ଼ ପିଠା, ବାଦାମ, ମୁଢି ଆଦି ସ୍ଥାପନା କରିଥିବା ବନ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥାଆନ୍ତି। ପରେ ଦଳ ଦଳ ହୋଇ ମହିଳା, ବାଳିକାମାନେ ସମସ୍ତ ଖାଦ୍ୟକୁ ଏକାଠି କରି ପରସ୍ପର ମଧ୍ୟରେ ବାଣ୍ଟି ଖାଇଥାଆନ୍ତି । ପୂଜାର୍ଚ୍ଚନା ସମୟରେ ମହିଳାମାନେ ଗୋପ ଲୀଳା ଅଧ୍ୟାୟ ପାଠକରିବା ସହ ନୃତ୍ୟ କରିଥାଆନ୍ତି । ସମୟାନୁକ୍ରମେ ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ଏବେ ନଦୀ ବାଲି ପଠାକୁ ବଣଭୋଜି କରିବାକୁ ଯାଉଛନ୍ତି। ଅନେକ ମହିଳା ମଧ୍ୟ ଗ୍ରାମ ନିକଟରେ ଥିବା ପାହାଡକୁ ଆଜି ବଣ ଭୋଜି କରିବାକୁ ଯାଇଥିବା ପରିଲକ୍ଷିତ ହୋଇଛି । ନଦୀ ପଠାକୁ ଲୋକେ ବାଲି ଚାଲି ଚାଲି ଯାଉଥିବାରୁ ଏହାକୁ ବଣ ଭୋଜି ପରିବର୍ତ୍ତେବାଲିଚଲା ଖିଆ ବୋଲିକୁହାଯାଏ।


ମହିଳାମାନେ ବନଦୁର୍ଗାଙ୍କୁ ପୂଜା କରୁଛନ୍ତି।

# ଫାଇଲ ଭିତରେ ପର୍ଯ୍ୟଟନ ସେବା ପୁନର୍ଗଠନ ପ୍ରସ୍ତାବ

## ଅଟକି ରହିଛି ଶତାଧିକ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟ

ଯାଜପୁର,୧୧।୧(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ଶୀତ ଆସିବା କ୍ଷଣି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଲୋକାରଣ୍ୟ ହୋଇଉଠେ। କିନ୍ତୁ ବିଡମ୍ବନା, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ଉଦାସୀନତା ମନୋଭାବ ପର୍ଯ୍ୟଟନସ୍ଥଳୀର ବିକାଶରେ ଅନ୍ତରାୟ ସୃଷ୍ଟି କରିଛି। ୨୦୧୯-୨୦ରୁ ୬୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟନସ୍ଥଳୀର ନବୀକରଣ ଚାଲିଛି, ସେଗୁଡ଼ିକରୁ ମଧ୍ୟ ଅଧିକାଂଶ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ରାଜ୍ୟରେ ନୂତନ ପର୍ଯ୍ୟଟନସ୍ଥଳୀର ଚିହ୍ନଟ ଏବଂ ସେଗୁଡ଼ିକର ବିକାଶ କ୍ଷେତ୍ରରେ ସେତେଟା ଅଗ୍ରଗତି ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୧।୧୧।୨୦୨୨ରେ ଓଡ଼ିଶା ପର୍ଯ୍ୟଟନ ସେବା ତଥା ଓଡ଼ିଶା ଟୁରିଜମ୍ ସର୍ଭିସ (ଓଟିଏସ୍)କୁ ନୂତନ ଢାଞ୍ଚା ବା ପୁନର୍ଗଠନ କରିବାକୁ ଯୋଜନା ହୋଇଥିଲା। ରାଜ୍ୟରେ ଥିବା ୭ଟି ପର୍ଯ୍ୟଟନ ଡିଭିଜନରେ ଅଧିକ ସଂଖ୍ୟକ ପଦବୀ ସୃଷ୍ଟି କରାଯିବାକୁ ବିଚାର ହୋଇଥିଲା। କିନ୍ତୁ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏ ଦିଗରେ ପଦକ୍ଷେପ ନିଆଯାଇନାହିଁ। ଏହିକ୍ରମରେ ଯାଜପୁର ଜିଲାର ଏକାଧିକ ପ୍ରକଳ୍ପର ନବୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଅଟକି ରହିଥିବା ଦେଖିବାକୁ ମିଳିଛି।

ପର୍ଯ୍ୟଟନ ବିଭାଗର ରେଗୁଲେଶନ ଅନୁଯାୟୀ ସଂସ୍କୃତି, ଐତିହ୍ୟ ଏବଂ ଜୈବ ବିବିଧତାରେ ସମୃଦ୍ଧ ସ୍ଥାନଗୁଡ଼ିକର ପର୍ଯ୍ୟଟନ ଅଭିଜ୍ଞତାକୁ ବିବିଧ କରିବା ପାଇଁ ରଣନୀତିକ ପଦକ୍ଷେପ ଗ୍ରହଣ କରାଯାଉଛି। ଜଳଭିତ୍ତିକ ମନୋରଞ୍ଜନ ପ୍ରକଳ୍ପ, ରହଣି ସୁବିଧା, ଗମନାଗମନ, ବନ୍ୟଜନ୍ତୁ ସଂରକ୍ଷିତ ଅଞ୍ଚଳରେ ପ୍ରକୃତି ଶିବିର ଏବଂ ଇକୋ-ଟୁରିଜମ ସୃଷ୍ଟି ମାଧ୍ୟମରେ ପର୍ଯ୍ୟଟନ, ଟ୍ରେକିଂ, ଦର୍ଶନୀୟ ସ୍ଥାନ, ସଫାରି, ବୋଟିଂ ଇତ୍ୟାଦିକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି। କିନ୍ତୁ ପ୍ରାଚୀନ ଉତ୍କଳର ରାଜଧାନୀ ଥିବା ବରାହ-ବିରଜା କ୍ଷେତ୍ରରେ ଅନେକ ପୌରାଣିକ ଏବଂ ଐତିହାସିକ କୀର୍ତ୍ତିରାଜି ରହିଥିଲେ ହେଁ ତାହା ଏବେ ଶ୍ରୀହୀନ ହୋଇ ପଡ଼ିରହିଛି ବୋଲି ମତପ୍ରକାଶ ପାଉଛି। ଯାଜପୁର ଜିଲାର କେତେକ ପର୍ଯ୍ୟଟନସ୍ଥଳୀକୁ ଉଦାହରଣ ଭାବେ ନିଆଯାଇପାରେ। ବରାହ ଦ୍ୱୀପରେ ନିର୍ମାଣାଧୀନ ୧୮୩ ଫୁଟ ଉଚ୍ଚତା ବିଶିଷ୍ଟ ଧ୍ୟାନମଗ୍ନ ଶିବ ମୂର୍ତ୍ତି କେବେ ଶେଷ ହେବ ତାକୁ ପର୍ଯ୍ୟଟକମାନେ ଚାହିଁ ରହିଛନ୍ତି। ଏହାବାଦ୍ ମ୍ୟୁଜିୟମ୍, ଟୁରିଷ୍ଟ ସ୍ୱଟ୍, ଟୁରିଷ୍ଟ ଅଫିସ, ଶିବ ଗ୍ୟାଲେରି, କଲଚରାଲ ସେଣ୍ଟର ଇତ୍ୟାଦି କାର୍ଯ୍ୟ ପାଇଁ ଗତ ୫ ବର୍ଷ ହେବ ପ୍ରାୟ ୪୦ କୋଟି ଟଙ୍କା ମଞ୍ଜୁର ହୋଇସାରିଛି। ଯାଜପୁର ଜିଲା ଆର୍ ଆଣ୍ଡ୍ ବି(ପୂର୍ତ୍ତ ବିଭାଗ) ଡିଭିଜନର ତଦାରଖରେ ଏହିସବୁ କାର୍ଯ୍ୟ ଚାଲିଛି। ହେଲେ ସମ୍ପୃକ୍ତ ଯନ୍ତ୍ରୀ ସମସ୍ତ କାର୍ଯ୍ୟ ଠିକାସଂସ୍ଥା ଉପରେ ନ୍ୟସ୍ତ କରି କ୍ଷେତ୍ର ପରିଦର୍ଶନରେ ପ୍ରାୟ ଯାଉ ନାହାନ୍ତି। ଏହାର ସୁଯୋଗରେ ଠିକାସଂସ୍ଥା କର୍ତ୍ତୃପକ୍ଷ ଏବଂ କେତେଜଣ ପେଟି କଣ୍ଟ୍ରାକ୍ଟର ଅତି ନିମ୍ନମାନର ବାଲି, ଗେଟି, ମୋରମ ଆଦି ନିର୍ମାଣ ସାମଗ୍ରୀ ବ୍ୟବହାର ସହ ସୁରକ୍ଷା ପାଚେରି ନିର୍ମାଣରେ ବ୍ୟାପକ ହେରଫେର କରୁଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷର ପୁରୁଣା କାନ୍ଥରେ ନୂଆ କାନ୍ଥ ଯୋଡ଼ି ଅର୍ଥ ହରିଲୁଟ କରାଯାଉଥିବା ଅଭିଯୋଗ ହେଉଛି।


ଶିବଙ୍କ ମୂର୍ତ୍ତି ନିର୍ମାଣ ସ୍ଥଳରେ ପୁରୁଣା କାନ୍ଥରେ ନୂଆ ପାଚେରି କରାଯାଇଛି।

ଯାଜପୁର ଉପକଣ୍ଠରେ ପ୍ରବାହିତ ବୈତରଣୀ କୂଳରେ ବରାହନାଥ ମନ୍ଦିର ରହିଛି। ଏହି ମନ୍ଦିରକୁ ଲାଗି ବିସ୍ତୀର୍ଣ୍ଣ ଦ୍ୱୀପାଞ୍ଚଳରେ ଅନେକ ଯାନିଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହାସହ ବରାହନାଥ ପୀଠ ସଂଲଗ୍ନ ବୈତରଣୀ ତୀର୍ଥକୂଳରେ ସ୍ୱର୍ଗଦ୍ୱାର ରହିଛି। ଏହିକ୍ରମରେ ସାଂସ୍କୃତିକ କେନ୍ଦ୍ର, ଶିବଙ୍କ ମୂର୍ତ୍ତି, ମେଗା ଡେଷ୍ଟିନେଶନ ଟୁରିଷ୍ଟ ସ୍ୱଷ୍ଟ, ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସ, ବରାହପୀଠରେ ଉଦ୍ୟାନ ଓ ଐତିହାସିକ ଉଦ୍ୟାନ, ଟୁରିଷ୍ଟ ଇଣ୍ଟରପ୍ରିଟେଶନ ସେଣ୍ଟର ଇତ୍ୟାଦି ପ୍ରକଳ୍ପ ପାଇଁ ପ୍ରାୟ ୯୦ କୋଟି ଟଙ୍କା ମଞ୍ଜୁରୀ ମିଳିଛି। ଗୃହ ଓ ରାସ୍ତା ନିର୍ମାଣ କାର୍ଯ୍ୟରେ ଚାଲିଥିବା ପିସି କାରବାର ଯାଜପୁର ସହରର ଐତିହାସିକ କୀର୍ତ୍ତିରାଜିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ମଧ୍ୟ ଲାଗୁ ହୋଇଛି। ଏହାବାଦ ବିରଜା ମନ୍ଦିରର ଭିତର ଓ ବାହାର ପ୍ରକଳ୍ପଗୁଡ଼ିକ ଅଧାପନ୍ତରିଆ ହୋଇପଡି ରହିଥିବାରୁ ପର୍ଯ୍ୟଟକମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏତେ ନିମ୍ନମାନର ହୋଇଛି ଯେ କେହି ବି ଦେଖିଲେ ସହଜେ ଅନୁମାନ କରି ପାରିବେ। ଉଦ୍‌ଘାଟନ ନ ହେବା ପୂର୍ବରୁ ନିମ୍ନମାନର ଟାଇଲଗୁଡ଼ିକ ଉଠିଯାଇଥିବା ଦେଖିବାକୁ ମିଳିଛି। ଏଭଳି ଅନେକ ଦୁର୍ନୀତି ନେଇ ଅଭିଯୋଗ ହେଉଥିଲେ ହେଁ କେହି ଶୁଣୁନାହାନ୍ତି। ଓଡ଼ିଶା ପର୍ଯ୍ୟଟନ ସେବା ତଥା ଓଡ଼ିଶା ଟୁରିଜମ ସର୍ଭିସ (ଓଟିଏସ୍)କୁ ନୂତନ ଢାଞ୍ଚା ଦେଇ ୭ଟି ପର୍ଯ୍ୟଟନ ଡିଭିଜନଗୁଡ଼ିକରେ ଅଧିକ ସଂଖ୍ୟକ ପଦବୀ ସୃଷ୍ଟି କରାଗଲେ ପୂର୍ତ୍ତ ବିଭାଗ ଉପରେ କୌଣସି ନିର୍ଭର କରିବାକୁ ପଡ଼ନ୍ତା ନାହିଁ ଏବଂ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲନ୍ତା ବୋଲି ମତପ୍ରକାଶ ପାଉଛି।

ଏ ସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ପୂର୍ତ୍ତ ବିଭାଗ ଦ୍ୱାରା ସମସ୍ତ ପର୍ଯ୍ୟଟନ କ୍ଷେତ୍ରର ବିକାଶ କାର୍ଯ୍ୟ ଉପଯୁକ୍ତ ଓ ଅଟକଳ ଅନୁଯାୟୀ ଚାଲିଛି। ଏଥିରେ କୌଣସି ଦୁର୍ନୀତି କିମ୍ବା ହେରଫେରର ସମ୍ଭାବନା ନାହିଁ।


ବ୍ୟାସନଗର ମଣ୍ଡଳ ଗାୟତ୍ରୀ ପରିବାର ପକ୍ଷରୁ ସ୍ଥାନୀୟ ନନ୍ଦରାମ ବାଟିକାରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା କରାଯାଉଛି।

## ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

ଯାଜପୁରରୋଡ୍,୧୧।୧ (ପବିତ୍ର ରଞ୍ଜନ ମହାନ୍ତି):

ଯୁଗନିର୍ମାଣ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଗାୟତ୍ରୀ ମହାଯଜ୍ଞ ସମଗ୍ର ଦେଶରେ ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ମଣ୍ଡଳ ଗାୟତ୍ରୀ ପରିବାର ପକ୍ଷରୁ ସ୍ଥାନୀୟ ନନ୍ଦରାମ ବାଟିକାରେ ନବକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶନିବାରଠାରୁ ଆରମ୍ଭ ହୋଇଛି। ଏହା ସୋମବାର ପର୍ଯ୍ୟନ୍ତ ତିନି ଧରି ମହାସମାରୋହରେ ପାଳିତ ହେବ। ପ୍ରଥମ ଦିବଦରେ ସ୍ଥାନୀୟ ରତ୍ନା ପୁଷ୍କରିଣୀରୁ ଶତାଧିକ ମହିଳାଙ୍କ ସମାବେଶରେ ୧୦୮ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବେଦମାତା ଗାୟତ୍ରୀଙ୍କ ସୁସଜ୍ଜିତ ରଥ ସହ ମହିଳାମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିଥିଲେ। ସେଠାରେ ମନ୍ତ୍ରଧ୍ୱନିରେ କଳସ ସ୍ଥାପନ କରାଯାଇଥିଲା। ମାତା ଗାୟତ୍ରୀଙ୍କ ଭବ୍ୟ ଆରତୀ କାରାଯାଇ ମହାଯଜ୍ଞର ସୁଭାଧିବାସ ହୋଇଥିଲା। ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଋଷି ପୁତ୍ରଙ୍କ ଦ୍ୱାରା ବେଦ ମନ୍ତ୍ର ଉଚ୍ଚାରଣରେ ସହରରେ ପବିତ୍ର ବାତାବରଣ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସହରବାସୀ ଯୋଗଦେଇ ବିଭୁ କୃପା ଲାଭ କରିବା ସହ ଧର୍ମୀୟ ଅନୁଷ୍ଠାନର ସହଭାଗିତା ହେବାକୁ ଗାୟତ୍ରୀ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୁବ୍ରତ ସବ୍ୟସାଚୀ


@ ଦୀପକ


@ ନଟବର


@ ସୁଶାନ୍ତ


@ ସୁମନ୍ତଚନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୃତଦେହ ଦାହ କଲା ଭଗତ ସିଂ ଯୁବକ ସଂଘ

ଯାଜପୁରରୋଡ୍,୧୧।୧(ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗରର ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଜଣେ ଅସହାୟ ମହିଳାଙ୍କ ମୃତଦେହ ଦାହ କରାଯାଇଛି। ମଣି ସାହି(ସପଗାଡ଼ିଆ)ରେ ରହୁଥିବା ସମ୍ପୃକ୍ତ ମହିଳାଙ୍କ ଶୁକ୍ରବାର ରାତ୍ରିରେ ମୃତ୍ୟୁ ହୋଇଥିବାବେଳେ ଶନିବାର ସକାଳେ ଅଭିଷେକ ପହି ଯୁବକ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କୁ ଖବର ଦେଇଥିଲେ। ଖବର ପାଇ ବିଶ୍ୱାଳ ଓ ତାଙ୍କ ସାଥୀମାନେ ପହଞ୍ଚି ସ୍ଥାନୀୟ ବ୍ୟାସସରୋବରଠାରେ ଥିବା ଶ୍ମଶାନରେ ମହିଳାଙ୍କ ମୃତଦେହ ଦାହ କରିଥିଲେ। ଗୌରାଙ୍ଗ ସାହୁ, ମଗୁଲି ସାହୁ, ମାଣିକ ଗାଗରାଇ, ହେମନ୍ତ ଧୀର, ଆଶିଷ ମଲ୍ଲିକ, ଡମ ସାହୁ, ତୁନି ସାହୁ, ବିଦା ପିଙ୍ଗୁଆ, ପ୍ରମୋଦ ପତି ସହଯୋଗ କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ଶିବିର

ଯାଜପୁରରୋଡ଼,୧୧।୧(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ଼ସ୍ଥିତ ବ୍ୟାସନଗର ସ୍ୱୟଂ ଶାସିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ମହାବିଦ୍ୟାଳୟର ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଛି। ପ୍ରତ୍ୟେକ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ନେଇ ନିଜକୁ ସୁରକ୍ଷା ପ୍ରଦାନ କରିପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ଼.ଚିରସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ଅଜୟ କୁମାର ମହାକୁଡ଼, ଗଣିତ ବିଭାଗର ଅଧ୍ୟାପକ ବିବେକାନନ୍ଦ ଜେନା, ଅର୍ଥନୀତି ବିଭାଗୀୟ ମୁଖ୍ୟ ସନାତନ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଏକାନ୍ତ ଆବଶ୍ୟକ ଏବଂ ସେମାନେ ଏହାର ସୁଯୋଗ ନେବା ଆବଶ୍ୟକ ବୋଲି ମତଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ମିଶ୍ର ଏହି ତାଲିମ ଶିବିର ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ୮ ଦିନ ଧରି ଚାଲିବ ବୋଲି କହିଥିଲେ। ପ୍ରଶିକ୍ଷକ ଭାବେ ମମତା ମୟୀ ଦାସ ଓ ପ୍ରଜ୍ଞା ପରମିତା ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ ଶିବିରରେ +୨ ପ୍ରଥମ ବର୍ଷର କଳା, ବାଣିଜ୍ୟ ଓ ବିଜ୍ଞାନର ୨୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀ ତାଲିମ ନେବାର କାର୍ଯ୍ୟକ୍ରମ ରହିଛି।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଭାସିନୀ ଗୁଇଁ, ହିମାଦ୍ରୀ ତନୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରବୀନ୍ଦ୍ର କୁମାର ରାଉଳ ଓ ସୁବାସ ମୁଖି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମା'ମଙ୍ଗଳାଙ୍କ ଯଜ୍ଞ ଉତ୍ସବ

ଚଢ଼େଇଧରା,୧୧।୧(ଦିଲୀପ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ଜାବରାତଳି ପାହାଡ଼ ପାଦଦେଶରେ ମା'ମଙ୍ଗଳାଙ୍କ ବାର୍ଷିକ ଯଜ୍ଞଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଗ୍ରାମ ପୋଖରୀରୁ କଳସ ବୁଡ଼ାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଯଜ୍ଞ ଆରମ୍ଭ ହୋଇଥିଲା। ମା'ଙ୍କ ମନ୍ଦିରକୁ ରଙ୍ଗୀନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କର୍ତ୍ତାଭାବେ ଯଦୁମଣି ଜେନା ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।

## 'ସାଡୋ ଅଫ୍ ଡାର୍କନେସ୍' ପୁସ୍ତକ ଉନ୍ମୋଚିତ

ଧର୍ମଶାଳା,୧୧।୧(ବଟକୃଷ୍ଣ ପରିଡ଼ା):

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଜାରକାସ୍ଥିତ ଧର୍ମଶାଳା ପ୍ରେସ୍ କ୍ଲବ୍ ପରିସରରେ ଶନିବାର 'ସାଡୋ଼ ଅଫ୍ ଡାର୍କନେସ୍' ଇଂଲିଶ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. କୁଶଧ୍ୱଜ ପ୍ରଧାନ, ଅତିଥି ଭାବେ ପ୍ରଫେସର୍ ଡ. ଯଚିନ୍ଦ୍ର କୁମାର ରାଉତ, ପ୍ରଫେସର ବିକ୍ରମ ମହାପାତ୍ର ପ୍ରମୁଖ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ପୁସ୍ତକର ଅନୁବାଦକ ପ୍ରାଧ୍ୟାପକ ସନ୍ତୋଶ କୁମାର ବେହେରା ସୂଚନା ଦେଇ କହିଥିଲେ, ଡ. ରବୀନ୍ଦ୍ର ବିହାରୀଙ୍କ ମୂଳ ଓଡ଼ିଆ ଲେଖା 'ଛାଇ ଛାଇ ଅନ୍ଧାର'ର ଏହା ଇଂଲିଶ ଅନୁବାଦ। ଡ. ରାଜକିଶୋର ପାଢ଼ୀ, ଡ. ଗୌତମ ଜେନା, କାହ୍ନୁଚରଣ ଦାଶ, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଡ. ତୁହିନାଂଶୁ ରଥ, ଡ. ଇନ୍ଦୁପ୍ରଭା ସାମଲ, ସୁନାକର ସାହୁ, ପ୍ରହ୍ଲାଦ ପଣ୍ଡା ଓ ସଂଗ୍ରାମ ଜେନା ପ୍ରମୁଖ ପୁସ୍ତକ ଉପରେ ଆଲୋକପାତ କରିଥିଲେ। ଗଣେଶ୍ୱର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହେଶ୍ୱର ପାଢ଼ୀ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।



ପୁସ୍ତକ ଉନ୍ମୋଚନ ଉତ୍ସବରେ ମଞ୍ଚାସୀନ ଅତିଥି।

## ପ୍ରାର୍ଥନା କରିବାର ପ୍ରକୃଷ୍ଟ ସ୍ଥାନ ଉଦୟଗିରି

### ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ

ଚଣ୍ଡିଖୋଲ,୧୧।୧(ପ୍ରଦୀପ୍ତ କୁମାର ପୃଷ୍ଟି):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚଳିତ ବର୍ଷ ଏହି ଉତ୍ସବକୁ ଗୁରୁ ପଦ୍ମ ସମ୍ଭବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ପ୍ରଥମ ଦିବସରେ ଆମେରିକାର ଆନ୍ତର୍ଜାତିକ ବୌଦ୍ଧ ଧର୍ମ ଫାଉଣ୍ଡେଶନର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଡ. କୁନ ଯାଙ୍ଗ ୱାଙ୍ଗମୋ ଡିକ ସେ ଯୋଗଦେଇ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କମ୍ବୋଡିଆ ବୌଦ୍ଧ ସନ୍ନ୍ୟାସୀ ସୋସାଇଟିର ନିର୍ଦ୍ଦେଶକ ଭେନେରେବଲ ଚାନ୍ଥି ଯୋଗଦେଇ ଏହାର ଶାନ୍ତ ପରିବେଶ ବହୁ ଆନନ୍ଦ ଦେଉଛି। ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା କରିବାର ଏକ ପ୍ରକୃଷ୍ଟ ସ୍ଥାନ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଥାଇଲାଣ୍ଡର ଆମପୋଲ ପୋଲମ୍ୟାନ, ଭିଏତନାମ ସଂଘର ମୁଖ୍ୟ ହୁନ ହଁ ମିନହ ଥୁଆନ ଯୋଗଦେଇଥିଲେ।


ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟ ସଭାରେ ମୁଖ୍ୟ ଅତିଥି ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ ଯୋଗଦେଇ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ତ୍ୟାଗପୁତ ସାଧନା ଦ୍ୱାରା ଚରିତ୍ର ଗଠନ ହୋଇ ପାରିବ। ଦୀକ୍ଷା ବିହୀନ ଶିକ୍ଷାର କିଛି ମାନେ ନାହିଁ। ଆତ୍ମ ସମୀକ୍ଷା ଓ ଆତ୍ମ ଦର୍ଶନ ଦ୍ୱାରା ଜୀବନ ସାର୍ଥକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ପୂଜ୍ୟ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଆଜି ବିଶାଳ ବରଗଛ ହୋଇ ପାରିଛି। ଏଥିପାଇଁ ଗୁରୁମା'ମାନଙ୍କ ଅବଦାନକୁ ଭୁଲି ହେବନାହିଁ। ସେ ଅଶୋଭନୀୟତାକୁ ବିରୋଧ କରିଥିଲେ। ସମାଜ, ରାଷ୍ଟ୍ର ଓ ସଂସ୍କୃତିକୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର କାଳୀକିଙ୍କର ପଟ୍ଟନାୟକ, ଗାୟତ୍ରୀ ମହାନ୍ତି, ପ୍ରବାସୀ ଭାରତୀୟ ସୁକାନ୍ତ ସାହୁ ଓ ପୂର୍ବତଟ ରେଳବାଇର ଅବସରପ୍ରାପ୍ତ ସୁପରିଟେଣ୍ଡେଣ୍ଟ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ସାମାଜିକ କର୍ମୀ ବିପିନ ବିହାରୀ ଦକ୍ଷିଣରାୟଙ୍କୁ ଅତିଥି ଶୋଭନୀୟ ସମ୍ମାନରେ ସମ୍ମାନିତ କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁମା ମିନତି ଦେବୀ ଧନ୍ୟବାଦ ଦେଇଥିଲେ।

# ‘କାମରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ହେବ’

ଜଗତ୍‌ସିଂହପୁର, ୧୧।୧ (ପ୍ରମୋଦ କୁମାର ନାୟକ)


ବୈଠକରେ ଯୋଗଦେଇଥିବା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ବିଗତବର୍ଷ ପରି ଚଳିତବର୍ଷ ଧାନ ମଣ୍ଡିଗୁଡ଼ିକରେ କଟନିଛଟନି ହେବନାହିଁ। ଏଥିପ୍ରତି ସରକାର ପୂରା ନଜର ରଖିଛନ୍ତି। କେନ୍ଦ୍ର ସରକାର ଏଫ୍ଏକ୍ୟୁ ମାନର ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଚାଷୀ ଏ ଦିଗରେ ଦାୟିତ୍ୱବାନ ହେବାକୁ ପଡ଼ିବ। ଧାନ ଦେଲାପରେ ୨୪ ଘଣ୍ଟା ଭିତରେ ସହାୟତା ରାଶି ଚାଷୀଙ୍କ ଆକାଉଣ୍ଟକୁ ପଠାଯିବା ପାଇଁ ବ୍ୟବସ୍ଥା ହେବ। କିନ୍ତୁ ନିକଟରେ ଅଦିନିଆ ବର୍ଷା କାରଣରୁ ଜଗତ୍‌ସିଂହପୁର ଜିଲାରେ ଧାନ ଚାଷ ପ୍ରଭାବିତ ହୋଇଛି। ସରକାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା କହିଛନ୍ତି। ସେ କହିଥିଲେ, ଅଦିନିଆ ବର୍ଷାରେ ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ମଣ୍ଡି ଖୋଲିବା ସମୟରେ ପରିବର୍ତ୍ତନ କରିଛନ୍ତି। ଏହି ଆଧାରରେ ଜଗତ୍‌ସିଂହପୁର ଜିଲାରେ ୮ ତାରିଖରେ ଖୋଲିବାକୁ ଥିବା ମଣ୍ଡି ୧୭ରେ ଖୋଲିବ। ସେହିପରି ଆସନ୍ତା ୧୫ରେ ଖୋଲିବାକୁ ଥିବା ମଣ୍ଡିଗୁଡ଼ିକ ୨୪ ତାରିଖରେ ଖୋଲିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ଚାଷୀଙ୍କୁ ସରକାରୀ କର୍ମଚାରୀମାନେ କୌଣସି ପ୍ରକାର ଅସୁବିଧାରେ ପକାଇଲେ କିମ୍ବା କାମରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଜାନୁଆରୀ ୩୧ ସୁଦ୍ଧା ସମସ୍ତ ଖାଉଟିଙ୍କୁ ନିଜର ଇ-କେୱାଇସି କରିବାକୁ ହେବ। ଯଦି ବାହାର ରାଜ୍ୟରେ କେହି ଇ-କେୱାଇସି କରିପାରୁନାହାନ୍ତି, ତେବେ ୧୯୬୭କୁ ଫୋନକଲେ ଏହାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ। ଧାନ ସଂଗ୍ରହ ବେଳେ ମିଲରମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଯୋଗଦେଇ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଦିନିକିଆ ଜଗତ୍‌ସିଂହପୁର ଗସ୍ତ**
- ଅଦିନିଆ ବର୍ଷାରେ ଧାନ କ୍ଷତିଗ୍ରସ୍ତ ଯୋଗୁ ସହାୟତା ମିଳିବ
- ୩୧ ତାରିଖ ସୁଦ୍ଧା ଖାଉଟି ଇ-କେୱାଇସି କରିବାକୁ ପରାମର୍ଶ
- ମିଲରମାନେ ଭଲ ଅଖା ଦେବାକୁ ନିର୍ଦ୍ଦେଶ

ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ, ସାଧାରଣ ଲୋକଙ୍କ ହିତ ପାଇଁ ଖାଦ୍ୟ ଯୋଗାଣ ବିଭାଗ ଦାୟିତ୍ୱବାନ ଅଛି। ରାଜ୍ୟରେ ଧାନ ମଣ୍ଡି ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମଣ୍ଡିରେ ଚାଷୀଙ୍କ ପାଇଁ ବିଶ୍ରାମସ୍ଥଳ, ପାନୀୟ ଜଳ ଆଦି ବ୍ୟବସ୍ଥା କରାଯାଉଛି। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା କହିଥିଲେ, ଚଳିତ ବର୍ଷ ଜିଲାରେ ଭଲ ଧାନ ହୋଇଥିଲେ ସୁଦ୍ଧା ଅଦିନିଆ ବର୍ଷା ଦାଉ ସାଧିଲା। ତେଣୁ ଜଗତ୍‌ସିଂହପୁର ଜିଲା ପାଇଁ ଏଫ୍ଏକ୍ୟୁ ମାନର ଧାନ ସଂଗ୍ରହରେ କୋହଳ ମନୋଭାବ ପୋଷଣ କରିବାକୁ ସେ ମନ୍ତ୍ରୀଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଜିଲାରେ ଧାନର ମାନ ହ୍ରାସ ପାଇଥିବା କହି ଏ ଦିଗରେ ଧ୍ୟାନ ଦେବାକୁ କହିଥିଲେ। ଜିଲାପାଳ ଜେ. ସୋନାଲ ଜିଲାରେ ଅଦିନିଆ ବର୍ଷାରେ କିପରି କ୍ଷୟକ୍ଷତି ହୋଇଛି ତା’ଉପରେ ସୂଚନା ଦେବା ସହ ଆଗକୁ ଖୋଲାଯିବାକୁ ଥିବା ମଣ୍ଡିଗୁଡିକ ସମ୍ପର୍କରେ ବିଶଦ ବିବରଣୀ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ରାଉତ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ସମବାୟ ସହକାରୀ ନିବନ୍ଧକ ପ୍ରଭାତ କୁମାର ମହାପାତ୍ର, ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ପ୍ରମୁଖ ସେମାନଙ୍କ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ, ଲିଗାଲ ମେଟ୍ରୋଲୋଜି ବିଭାଗର ଯୁଗ୍ମ କଣ୍ଟ୍ରୋଲର, ଜିଲାରେ କାର୍ଯ୍ୟରତ ଯୋଗାଣ ନିରୀକ୍ଷକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଯୋଗାଣ ମନ୍ତ୍ରୀ ପାତ୍ର ପ୍ରଥମେ ମାର୍କଣ୍ଡପୁରରେ ଖୋଲିବାକୁ ଥିବା ମଣ୍ଡି ପରିଦର୍ଶନ ପରେ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ତା’ ପରେ ମା ସାରଳା ମନ୍ଦିର ଯାଇ ମା’ଙ୍କୁ ଦର୍ଶନ କରିଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୁବ୍ରତ ସବ୍ୟସାଚୀ


@ ଦୀପକ


@ ନଟବର


@ ସୁଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମା’ ଅନ୍ନପୂର୍ଣ୍ଣା ମନ୍ଦିରକୁ ୪ ଫୁଟ୍ ଉଠା ଚାଲିଛି

**ପ୍ରାଚୀନ କୀର୍ତ୍ତିରାଜି ବଞ୍ଚାଇ ରଖିବାକୁ ପ୍ରୟାସ**

ରଘୁନାଥପୁର,୧୧।୧ (ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ନିକଟସ୍ଥ ଶିଉଳି ଗ୍ରାମବାସୀଙ୍କ ପକ୍ଷରୁ ପ୍ରାଚୀନ କୀର୍ତ୍ତିରାଜିକୁ ବଞ୍ଚାଇ ରଖିବାକୁ ପ୍ରୟାସ କରାଯାଇଛି। ୩୦୦ ବର୍ଷ ତଳର ଆରାଧ୍ୟା ଦେବୀ ମା’ଅନ୍ନପୂର୍ଣ୍ଣା ମନ୍ଦିର ଓ ଏହାର ମୁଖଶାଳାକୁ ଅତ୍ୟାଧୁନିକ ଜ୍ଞାନ କୌଶଳ ଜରିଆରେ ଜଗ୍ ଦ୍ୱାରା ୪ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ଉଠାଯିବା ପ୍ରକ୍ରିୟା ଜାରି ରହିଛି। ଅଦ୍ୟାବଧି ପ୍ରାୟ ୩ ଫୁଟ୍ ପର୍ଯ୍ୟନ୍ତ ମନ୍ଦିରକୁ ଉଠାଯାଇଛି। ହରିୟାଣାର ସତୀଶ କୁମାର ଶିଶୋଡିଆଙ୍କ ତତ୍ତ୍ୱାବଧାନରେ ୭ ଜଣ ତାଲିମପ୍ରାପ୍ତ ବ୍ୟକ୍ତି ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ୫୦ ଟନ୍ ପର୍ଯ୍ୟନ୍ତ କ୍ଷମତା ବହନ କରିପାରୁଥିବା ୨୫ଟି ଜଗ୍ ଏଥିରେ ବ୍ୟବହୃତ ହୋଇଥିବା ଶିଶୋଡିଆ ପ୍ରକାଶ କରିଛନ୍ତି। ଏହାଛଡ଼ା ଲୁହା ଚାନେଲରେ ଶକ୍ତ କାଠପଟାକୁ ଖଞ୍ଜାଯାଇ ଜଗ୍ ଦ୍ୱାରା ଏହି ମନ୍ଦିର ଫାଉଣ୍ଡେଶନକୁ ଧରି ରଖାଯାଇଛି। ମନ୍ଦିରକୁ ୪ଫୁଟ ପର୍ଯ୍ୟନ୍ତ ଉଠାଯିବା ପରେ ଏହାର ତଳଭାଗରେ ୧ ଫୁଟର କଂକ୍ରିଟ୍ ଢଳେଇ କରାଯିବ। ଏଥିରେ ବ୍ୟବହୃତ ପିଲରଗୁଡ଼ିକ ମଧ୍ୟ ସମପରିମାଣରେ ଉଠାଯାଉଛି। ପୂର୍ବରୁ ମନ୍ଦିରଟି ସମ୍ପୂର୍ଣ୍ଣ ପୋଡା ନାଲି ଇଟା ଓ ମାଟି କାଦୁଅ ପ୍ୟାଚରେ ନିର୍ମାଣ କରାଯାଇଥିଲା। ଏହାଛଡ଼ା ମନ୍ଦିର ଭିତର ଓ ବାହାର ପାର୍ଶ୍ୱ ସିମେଣ୍ଟରେ ପ୍ଲାଷ୍ଟର କରାଯାଇଥିଲା। ଏହାର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବାର ପ୍ରଦୀପ୍ତ ପ୍ରଧାନ ଓ ଚିତ୍ତରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡ଼ିଛି। ମନୋରଞ୍ଜନ ପ୍ରଧାନ, ଚକ୍ରଧର ମହାପାତ୍ର, ରମାକାନ୍ତ ପ୍ରଧାନ ଓ ନିର୍ମଳ ମହାପାତ୍ରଙ୍କ ସହ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟ କରାଯାଉଛି।

## ସଂକ୍ଷେପରେ

### ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ଲୁଟିନେଲେ ଦୁର୍ବୃତ୍ତ ଥାନାରେ ଲିଖିତ ଅଭିଯୋଗ

ନାଉଗାଁ,୧୧।୧(ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦାହାଟରେ ନିର୍ମିତ ହୋଇଥିବା ଜଣେ ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଥାନା ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ ଜାରି ରହିଥିବା ଭାରାପ୍ରାପ୍ତ ଅଧିକାରୀ ନୀଳମଣି ନାୟକ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ସ୍ୱର୍ଗତ ଶରତ ପୁହାଣଙ୍କ ପ୍ରତିମୂର୍ତ୍ତି ପରିବାର ପକ୍ଷରୁ ଗଙ୍ଗଦାହାଟରେ ଥିବା ତାଙ୍କ ବାସଭବନ ନିକଟରେ ନିର୍ମାଣ କରାଯାଇଥିଲା। କୌଣସି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ଉକ୍ତ ପ୍ରତିମୂର୍ତ୍ତିକୁ ତାଡ଼ି ନେଇଥିବା ପୁହାଣଙ୍କ ଜ୍ୱାଇଁ ମାନସ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ମଧୁସୂଦନ ସେବାକୁଞ୍ଜର ବାର୍ଷିକୋତ୍ସବ

ନାଉଗାଁ,୧୧।୧(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଚାନ୍ଦଖାଁପାଟଣା, ମଠସାହିସ୍ଥିତ ମଧୁସୂଦନ ସେବାକୁଞ୍ଜ, ନାଉଗାଁ ଶାଖା ପକ୍ଷରୁ ଶନିବାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପ୍ରାତଃ ସମୟରୁ ମଙ୍ଗଳ ଆଳତି, ସମୂହ ପ୍ରାର୍ଥନା, ନଗର କୀର୍ତ୍ତନ କରାଯିବା ସହ ଗୁରୁଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗୁରୁବାଦ ଉପରେ ଏକ ଧର୍ମସଭାର ଆୟୋଜନ କରାଯାଇଥିଲା। ଉକ୍ତ ଧର୍ମ ସଭାରେ ବାବା ଦାମୋଦର ଦାସ, ବାବା ଦିବାକର ଦାସ ପ୍ରମୁଖ ଯୋଗ ଦେଇ ଗୁରୁବାଦ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଶ୍ରଦ୍ଧାଳୁ ଓ ଆଶ୍ରମବାସୀ ପରିଚାଳନା କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ରାଜକନିକା,୧୧।୧(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ସିକୋ ଗ୍ରାମ ପଞ୍ଚାୟତ ଗୋବାଙ୍ଗଗାଁର ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ବିଶ୍ୱାଳଙ୍କର ଶୁକ୍ରବାର ବିଳମ୍ବ ରାତିରେ ପରଲୋକ ହୋଇଯାଇଛି। ତାଙ୍କ ୮୦ବର୍ଷ ହୋଇଥିଲା । ଏହାକୁ ନେଇ ସମଗ୍ର ଶିକ୍ଷକ ଓ ଛାତ୍ର ସମାଜରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ବିଶ୍ୱାଳ ଗତ କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଜଣେ ପରୋପକାରୀ, ଦରଦୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ। ପରିବାର, ବନ୍ଧୁ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ଅମର କୁମାର ବିଶ୍ୱାଳ ମୁଖାଗ୍ନି ଦେଇଥିଲେ।

# ମୁରଲୀଧର ରଥ ପାଇବେ ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ-୨୦୨୫

ଭୁବନେଶ୍ୱର, ୧୧।୧(ବନ୍ଦନା ସେଠୀ)



ବରିଷ୍ଠ ସାମାଜିକ କର୍ମୀ, ରାଜନୀତିଜ୍ଞ ମୁରଲିଧର ରଥ ସମ୍ମାନଜନକ ଗ୍ଲୋରି ଅଫ୍ ଇଣ୍ଡିଆ ଆୱାର୍ଡ-୨୦୨୫ ପାଇବାକୁ ମନୋନୀତ ହୋଇଛନ୍ତି। ଆସନ୍ତା ୧୬ତାରିଖରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ ସେଣ୍ଟରଠାରେ ଇଣ୍ଡିଆନ୍ ଆଚିଭର୍ସ ଫୋରମ୍ ପକ୍ଷରୁ ଆୟୋଜିତ ‘ମିଶନ ବିକଶିତ ଭାରତ @୨୦୪୭’ ଜାତୀୟ ସମ୍ମେଳନରେ ମୁରଲିଧରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଚନ୍ଦୋଳ ଗ୍ରାମର ୯୨ବର୍ଷୀୟ ମୁରଲିଧର ଏହି ସମ୍ମାନ ପାଇଁ ମନୋନୀତ ହେବାରେ ପ୍ରଥମ ଓଡ଼ିଆ। ରାଷ୍ଟ୍ରଗଠନରେ ଅତୁଳନୀୟ ଅବଦାନ ପାଇଁ ମୁରଲିଧରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବାକୁ ସ୍ଥିର ହୋଇଛି ବୋଲି ଇଣ୍ଡିଆନ୍ ଆଚିଭର୍ସ ପକ୍ଷରୁ କୁହାଯାଇଛି।

# ଦକ୍ଷତା ବୃଦ୍ଧି ହେଲେ ମହିଳାଙ୍କ ଉନ୍ନତି ସମ୍ଭବ

**ବୁଣାକାରଙ୍କ ସୂତା ରଙ୍ଗ ତାଲିମ ଶିବିର ଉଦ୍‌ଘାଟିତ**

ରଘୁନାଥପୁର,୧୧।୧(ରାଜେନ୍ଦ୍ର ନାରାୟଣ ସିଂହ)

ନିର୍ଦ୍ଦେଶକ ହସ୍ତତନ୍ତ ବୟନ ଶିଳ୍ପ ବିଭାଗ, ଓଡ଼ିଶା ଆନୁକୁଲ୍ୟରେ ଉପନିର୍ଦ୍ଦେଶକ ବୟନ ଶିଳ୍ପ କଟକଙ୍କ ଜରିଆରେ ଜୟିପୁରସ୍ଥିତ ବୟନ ଗ୍ରାମ ଶ୍ରୀ ଶ୍ରୀ ପାର୍ବତୀ ବୁଣାକାର ସମବାୟ ସମିତି ପକ୍ଷରୁ ୨୦ ଜଣ ବୁଣାକାର ମହିଳାଙ୍କ ୨ ମାସିଆ ତାଲିମ ଶିବିର ଇତିମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ସମବାୟ ସମିତିର ସଭାପତି ହେମନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାକୁ ସମିତିର ସମ୍ପାଦକ ମାନସ କୁମାର ପୃଷ୍ଟି ପରିଚାଳନା କରିଥିଲେ। ଏଥିରେ ବୟନଶିଳ୍ପ କଟକର ଉପନିର୍ଦ୍ଦେଶକ ଆଶୁତୋଷ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବୟନ ଗ୍ରାମର ଉନ୍ନତି ତଥା ବୁଣାକାରଙ୍କ ଦକ୍ଷତା ବୃଦ୍ଧି ହେଲେ ମହିଳାଙ୍କ ଉନ୍ନତି ସମ୍ଭବ ବୋଲି ମନ୍ତବ୍ୟ ଦେଇଥିଲେ। ଏଠାରୁ ସୂତା ରଙ୍ଗ ବାବଦରେ ତାଲିମ ନେଇ ବୁଣାକାର ମହିଳାମାନେ ଆଉ ଅନ୍ୟ ଉପରେ ନିର୍ଭରଶୀଳ ହେବେନାହିଁ ବୋଲି ମୁଖ୍ୟ ଅତିଥି ମହାନ୍ତି ପ୍ରକାଶ କରିଛନ୍ତି। ସେହିପରି ବୟନ ନିରୀକ୍ଷକ ଶାନ୍ତିଲତା ମାଝୀ ଓ ବିଜୟଲକ୍ଷ୍ମୀ ତୋଷ ସୂତା ରଙ୍ଗର ପ୍ରଣାଳୀ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଆସନ୍ତା ଦୁଇମାସ ଧରି ଏହି ମହିଳାମାନଙ୍କୁ ତାଲିମଦାତା ଧ୍ରୁବଚରଣ ବେହେରା ତାଲିମ ଦେବା ଆରମ୍ଭ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମହିଳାମାନେ ଏହି ତାଲିମ ନେଉଛନ୍ତି। ଦୈନନ୍ଦିନ ତାଲିମ ନେଉଥିବା ପ୍ରତ୍ୟେକ ମହିଳାଙ୍କୁ ୨ ଶହ ଟଙ୍କା ଲେଖାଏ ଭତ୍ତା ଦିଆଯିବା ଲାଗି ବ୍ୟବସ୍ଥା କରାଯାଇଛି। ଶେଷରେ ସମ୍ପାଦକ ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଏଥିରେ ବୋର୍ଡର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# ଟିବିମୁକ୍ତ ଭାରତ ହେଉ ଆମର ସଂକଳ୍ପ



ରଘୁନାଥପୁର, ୧୧।୧ (ରାଜେନ୍ଦ୍ର ନାରାୟଣ ସିଂହ)

ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନର ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବିଭିନ୍ନ ପଞ୍ଚାୟତର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିବି ରୋଗୀଙ୍କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧିକାରୀ ଡାକ୍ତର ଅସୀମ ସୁମନ ସ୍ୱାଇଁ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ହାଜିପୁର ବଜାର କମିଟି ସଭାପତି ରାମକୃଷ୍ଣ ପରିଜା ଅତିଥି ଭାବେ ଯୋଗଦେଇ ଟିବି ମୁକ୍ତ ଭାରତ ଆମର ସଂକଳ୍ପ ହେଉ ବୋଲି ବକ୍ତବ୍ୟ ରଖିବା ସହ ଆମ୍ଭେ ସମସ୍ତେ ସଚେତନ ହେଲେ ନିଶ୍ଚିତ ଭାବେ ଏହି ରୋଗକୁ ଦୂରେଇ ଦେଇପାରିବା ବୋଲି ପ୍ରକାଶ କରିଥିଲେ। ସେହିପରି ସାମାଜିକ କର୍ମୀ ଜନରଞ୍ଜନ ସ୍ୱାଇଁ ଓ ଦୀପ୍ତି ପ୍ରସାଦ ଦାଶ ଯୋଗଦେଇ ଟିବି ଆକ୍ରାନ୍ତ ରୋଗୀ ନିଜର ମନବଳକୁ ସୁଦୃଢ ରଖି ନିଜକୁ ନିଜେ ସଚେତନ ହୋଇ ଚାଲିବା ସହ ଅନ୍ୟମାନଙ୍କୁ ସଚେତନ କରିପାରିଲେ ଭାରତରୁ ଟିବି ମୁକ୍ତ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ଲୋକନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ ଟିବି ମୁକ୍ତ ଭାରତର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ରାମକୃଷ୍ଣ ପରିଜା, ଜନରଞ୍ଜନ ସ୍ୱାଇଁ ଓ ମାନସ ମଲ୍ଲିକଙ୍କୁ ନିକ୍ଷୟ ମିତ୍ର ଭାବେ ଗ୍ରହଣ କରାଯାଇଥିଲା। ସାଗରିକା ମଲ୍ଲିକ, ଡାକ୍ତର ଅମ୍ରିତା ପ୍ରିୟଦର୍ଶିନୀ, ଡା.ସୁକୁମାର ମିତ୍ର, ଝରଣା ସାହୁ, କେତେଜଣ ଟିବି ରୋଗୀଙ୍କୁ ପୋଷ୍ୟ ଭାବେ ଗ୍ରହଣ କରି ଶୁଖିଲା ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଟିବି ସଂଯୋଜିକା ତୃପ୍ତିରେଖା ପରିଡା ପରିଚାଳନା କରିଥିବାବେଳେ ସୁକାନ୍ତ ବେହେରା, ସାଦିଆ ନସରିନ ଓ ହେମଲତା ପରିଡା ପ୍ରମୁଖ ସହାୟତା କରିଥିଲେ।

**ନିକ୍ଷୟ ମିତ୍ର ହେଲେ ଜନରଞ୍ଜନ, ରାମକୃଷ୍ଣ, ମାନସ**

# ଜଗତ୍‌ସିଂହପୁର- ନୂଆଗାଁ ରାସ୍ତାକୁ ପ୍ରମୁଖ ପଥର ମାନ୍ୟତା ଦାବି

ରଘୁନାଥପୁର,୧୧।୧ (ରାଜେନ୍ଦ୍ର ନାରାୟଣ ସିଂହ)

**ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ଯୋଗୁ ଦୁର୍ଘଟଣା ଆଶଙ୍କା**


ରାସ୍ତାର ଦୁଇ ପାର୍ଶ୍ୱରେ ବସାଯାଉଥିବା ବିଦ୍ୟୁତ୍ ଖୁଣ୍ଟ।

ଜଗତ୍‌ସିଂହପୁର ଜିଲା ଗାନ୍ଧୀଛକଠାରୁ ଭାୟା ରଘୁନାଥପୁର ବ୍ଲକ ଛକ ଦେଇ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଶିର୍ଲୋ ନୂଆଗାଁ ପର୍ଯ୍ୟନ୍ତ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ଜିଲାର ପ୍ରମୁଖ ପଥ ମାନ୍ୟତା ସହ ଏହି ସଂକୀର୍ଣ୍ଣ ରାସ୍ତା ପାର୍ଶ୍ୱରେ ପକାଯାଉଥିବା ବିଦ୍ୟୁତ୍ ଖୁଣ୍ଟକୁ ହଟାଇବା ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏ ସମ୍ପର୍କରେ ସଙ୍ଗଠନର ରାଜ୍ୟ କର୍ମକର୍ତ୍ତା ଦେବୀ ପ୍ରସାଦ ମହାରଣା ଓ ରଶ୍ମିରଞ୍ଜନ ସ୍ୱାଇଁ ମେଲ୍ ଯୋଗେ ଶନିବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ରଘୁନାଥପୁର ବ୍ଲକ କାର୍ଯ୍ୟାଳୟଠାରୁ ଜିଲା ସଦର ମହକୁମା ଏବଂ କଟକ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳକୁ ଏହା ଏକମାତ୍ର ସଂଯୋଗୀକରଣ ରାସ୍ତା। ଦୈନନ୍ଦିନ ସ୍କୁଲ ବସ୍, ଆମ୍ବୁଲାନ୍ସ, ପୋଲିସ ଭ୍ୟାନ୍, ଦମକଳ ଗାଡି, ପିଡିଏସ୍ ଟ୍ରକ, ଓମ୍‌ଫେଡ୍ ଟ୍ୟାଙ୍କର, ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଯାଉଥିବା ଗାଡି, ସରକାରୀ ଭ୍ୟାନ ସହ ଅଟୋ ରିକ୍ସା ଓ ଲକ୍ଷ୍ମୀ ବସ ଇତ୍ୟାଦି ଏହି ସଂକୀର୍ଣ୍ଣ ରାସ୍ତାରେ ଯାତାୟତ କରିଥାନ୍ତି। ଏହାଛଡ଼ା ସ୍କୁଲ କଲେଜର ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ, ରୋଗୀଙ୍କଠାରୁ ଆରମ୍ଭ କରି ବହୁ ଲୋକ ଏହି ପଥ ଦେଇ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥାନ୍ତି। ମାତ୍ର ରାସ୍ତାକୁ ଯାତାୟାତର ସୁଗମ ପାଇଁ ପ୍ରଶସ୍ତ କରାଯିବା ପରିବର୍ତ୍ତେ ଏହା ପାର୍ଶ୍ୱରେ ବଡବଡ ବିଦ୍ୟୁତ୍ ଖୁଣ୍ଟ ବସାଯାଉଛି। ଫଳରେ ଦୁଇଟି ଗାଡି ପରସ୍ପର ଅତିକ୍ରମ କରିବା ହେଉ କିମ୍ବା ଅଙ୍କାବଙ୍କା ରାସ୍ତାରେ ବାଇକ ଚାଳକମାନେ ଯାତାୟାତ ସମୟରେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ରାସ୍ତାର ବିଭିନ୍ନ ବାଙ୍କ ସ୍ଥାନରେ ପ୍ରତିରୋଧ ମେଟାଲ ବ୍ୟାରିଅର ଦିଆଯାଇଥିଲେ ସୁଦ୍ଧା ଏହା ଉପରେ ଗଛଲତା ମାଡିଯାଇଛି। ଏଥିଯୋଗୁ ସନ୍ଧ୍ୟା ପରଠୁ ୩ ଚକିଆ ଓ ୪ ଚକିଆ ଯାନ ଏବଂ ବାଇକ୍ ଚାଳକମାନେ ରାସ୍ତା ଜାଣି ନ ପାରି ଉକ୍ତ ବିଦ୍ୟୁତ୍ ଖୁଣ୍ଟରେ ପିଟି ହେବାର ଆଶଙ୍କା ରହିଛି। ଏହି ସମ୍ବେଦନଶୀଳ ଘଟଣାକୁ ଏଡ଼ାଇବା ପାଇଁ ଜିଲାପାଳ ଓ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଏସବୁ ସମସ୍ୟାର ସମାଧାନ ପାଇଁ ସଙ୍ଗଠନର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଆଗାମୀ ଦିନରେ ଯଦି କୌଣସି ଦୁର୍ଘଟଣା ଘଟି ସାଧାରଣ ଜନତାଙ୍କ ଜୀବନ ହାନି ହୁଏ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।



### କୂଅରୁ ଶମ୍ବର ଉଦ୍ଧାର

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ନୂଆକଣ୍ଟାବଣିଆ ଗହୀରର ଏକ କୂପରୁ ଏକ ଅଣ୍ଡିରା ଶମ୍ବର ଉଦ୍ଧାର ହୋଇଛି। ଶମ୍ବରଟି ଖାଦ୍ୟ ଅନ୍ୱେଷଣରେ ଗାଁ ଅଭିମୁଖେ ଚାଲି ଆସି କୂଅରେ ପଡି ଯାଇଥିଲା। ନୂଆକଣ୍ଟାବଣିଆ ଗାଁ ଲୋକ ଏହା ଜାଣି ପାରି ବନବିଭାଗ ସହାୟତାରେ କୂଅରୁ ଉଦ୍ଧାର କରିଥିଲେ। ପରେ ବନବିଭାଗ ଶମ୍ବରକୁ ନେଇ ନୟାଗଡ଼ ଜିଲା ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସିତ କରାଇ ନିଜ ହେପାଜତରେ ରଖିଛି। ଶମ୍ବରଟି ସୁସ୍ଥ ହେବା ପରେ ଜଙ୍ଗଲରେ ଛାଡି ଦିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି।

# ମଣ୍ଡି ଖୋଲୁ ନ ଥିବାରୁ ବଢୁଛି ଅଭାବୀ ଧାନ ବିକ୍ରି

- ଉଦ୍‌ଘାଟନର ୫ଦିନ ପରେ ଖୋଲିଛି ୫ ମଣ୍ଡି
- ଟୋକନ ଅବଧି ଆରମ୍ଭ ହୋଇ ନ ଥିବାରୁ ଧାନକିଣାରେ ବିଳମ୍ବ

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଧାନକିଣାର ଶୁଭାରମ୍ଭ ୫ଦିନ ବିତି ଯାଇଥିବାବେଳେ ଜିଲାରେ ଏଯାବତ ମାତ୍ର ୫ଟି ଧାନ ମଣ୍ଡି ଖୋଲିଛି। ମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାରୁ ଜିଲାରେ ଅଭାବୀ ଧାନବିକ୍ରି ବଢ଼ିବାରେ ଲାଗିଛି। ଧାନମଣ୍ଡି ଖୋଲିବାରେ ବିଳମ୍ବ କାରଣରୁ ଦଲାଲମାନେ ଏହାର ଫାଇଦା ଉଠାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଟୋକନ ଅବଧି ଆରମ୍ଭ ହୋଇ ନ ଥିବାରୁ ଧାନ କିଣାରେ ବିଳମ୍ବ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଜିଲାରେ ଗତ ୭ ତାରିଖରେଠାରୁ ଧାନ କିଣା ଆରମ୍ଭ ହୋଇଛି। ୧୦ ଦିନ ଭିତରେ ସବୁ ଧାନ ମଣ୍ଡି ଖୋଲାଯାଇ ପର୍ଯ୍ୟାୟ କ୍ରମେ ଧାନ କିଣାଯିବ ବୋଲି ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଥିଲେ। ଯଦିବା ମାତ୍ର ୫ଦିନ ଯାଇଛି ତେବେ ଧାନମଣ୍ଡି ଖୋଲିବାର ସ୍ଥିତିକୁ ଦେଖିଲେ ୧୦ ଦିନ ଭିତରେ ସବୁ ମଣ୍ଡି ଖୋଲା ଯାଇ ପାରିବ ବୋଲି ସନ୍ଦେହ ସୃଷ୍ଟି ହେଲାଣି। ପ୍ରଥମରୁ ଧାନ ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିଲା। ଏବେ ଧାନକିଣା ଶୁଭାରମ୍ଭ ପରେ ଚାଷୀ ଆଉ ବିଳମ୍ବ ହେବାକୁ ଚାହୁଁ ନାହାନ୍ତି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୯୦ ହଜାର ୨୯୪ କୁଇଣ୍ଟାଲ ଧାନକିଣିବାର ଟାର୍ଗେଟ ମିଳିଛି। ୧୫ ଜଣ ମିଲର ଧାନ କିଣାରେ ନିୟୋଜିତ ଅଛନ୍ତି। ଧାନ ବିକ୍ରି ପାଇଁ ୫୩ ହଜାର ୮୩୯ ଚାଷୀ ନାଁ ପଞ୍ଜିକୃତ କରିଥିବାବେଳେ ୫୩ ହଜାର ୮୦୪ ଜଣ ଚାଷୀ ଧାନ ବିକ୍ରି କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ସବୁଠାରେ ପ୍ରଶ୍ନ ଉଠୁଛି ଧାନକିଣାରେ କାହିଁକି ପ୍ରଶାସନ ବିଳମ୍ବ କରୁଛି।

## ଚାଷୀ ପାଉ ନାହାନ୍ତି ବୀମା କ୍ଷତିପୂରଣ

ବୀମା କ୍ଷତିପୂରଣ ରାଶିକୁ ଚାଷୀ ଚାତକ ପକ୍ଷୀ ପରି ଚାହିଁ ବସିଛି। ହେଲେ ବୀମା କ୍ଷତିପୂରଣ ମିଳୁନି। ପୁଣି ସରକାର ଘୋଷଣା କରିଥିବା କ୍ଷତିପୂରଣ ବି ଅନୁରୂପ ଭାବେ ଦିଆ ଯାଉନି। ଏଭଳିସ୍ଥଳେ ଧାନମଣ୍ଡିରେ ଧାନ କିଣା ଯାଉନି। ଚାଷୀ ଧାନ ଆଣି ଅମଳ ପରେ ଘରେ ଗଚ୍ଛିତ ରଖି ରଖି ଚିନ୍ତିତ ହୋଇ ପଡିଲାଣି। ସେପଟେ କରଜ ଓ ଋଣ ପରିଶୋଧ ପାଇଁ ସମୟ ଗଡି ଚାଲିଛି। ଚାଷୀ ଉପରେ ସୁଧ ବଢ଼ିବାରେ ଲାଗିଛି। ଚାଷୀ କ'ଣ କରିବ କିପରି ଋଣ ପରିଶୋଧ କରିବ ଜାଣି ପାରୁନି। ଏନେଇ ନୟାଗଡ଼ର ଚାଷୀ ବୃନ୍ଦାବନ ଦଳବେହେରା କୁହନ୍ତି, ଚାଷୀର ଚିନ୍ତା ବଢ଼ିଛି। ଧାନ ବିକ୍ରି ପାଇଁ ଧାନ ମଣ୍ଡି ଖୋଲୁ ନ ଥିବାବେଳେ ସରକାରୀ ସହାୟତା ଓ ବୀମା କ୍ଷତିପୂରଣ ମିଳୁନି। ଚାଷୀ ବାଟବଣା ହୋଇ ଦଲାଲକୁ କୁଇଣ୍ଟାଲ ପିଛା ୧ରୁ ଦେଢ଼ ହଜାର ଟଙ୍କାରେ ଧାନ ବିକି ଋଣ ପରିଶୋଧ କରିବା ଆରମ୍ଭ କରିଛି। ଯେଉଁ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବାକୁ ରଖିଛନ୍ତି ସେମାନେ ହଇରାଣ ହେବାରେ ଲାଗିଛନ୍ତି। ଏ ନେଇ ଜିଲା ଯୋଗାଣ ଅଧିକାରୀ କୁହନ୍ତି ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, ଜିଲାର ଧାନ ମଣ୍ଡି ସହ ୧୫ ମିଲରଙ୍କ ସହ ଟ୍ୟାଗିଂ କରି ଧାନକିଣାରେ ଟାର୍ଗେଟ ଦିଆ ଯାଇଛି। ଧାନ କିଣିବାର ଦାୟିତ୍ୱ ଏଆରସିଏସ୍‌ଙ୍କର। ଧାନ କିଣାରେ ତ୍ୱରାନ୍ୱିତ ଆଣିବା ପାଇଁ ଏଆରସିଏସ୍ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି। ଏଆରସିଏସ୍ ପ୍ରାର୍ଥନା ପ୍ରୀୟଦର୍ଶିନୀ କୁହନ୍ତି, ଜିଲାରେ ୧୫୩ ପ୍ୟାକ୍ସ ଦ୍ୱାରା ୧୬୮ଟି ସ୍ଥାନରେ ଧାନମଣ୍ଡି ଖୋଲିବ। ୧୬୭ ଧାନମଣ୍ଡି ମଧ୍ୟରୁ ଏଯାବତ ୫ଟି ମଣ୍ଡିର ଶୁଭାରମ୍ଭ ହୋଇଛି। ସୋମବାର ସୁଦ୍ଧା ସବୁ ମଣ୍ଡିରେ ଧାନ କିଣିବାର ଟାର୍ଗେଟ ରହିଛି। ଆମେ ଧାନକିଣାକୁ ତ୍ୱରାନ୍ୱିତ ଲାଗି ଉଦ୍ୟମ ଜାରି ରଖିଛୁ ବୋଲି କହିଛନ୍ତି। ଫସଲ କ୍ଷୟକ୍ଷତି ଓ ସହାୟତା ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକଙ୍କ ୮୨୪୯୮ ୩୪୮୦୦ଙ୍କୁ ଯୋଗାଯୋଗ କରାଯିବା ପରେ ଫୋନ ଉଠାଇ ନ ଥିଲେ।

## ବାର୍ଷିକ ଉତ୍ସବରେ ରକ୍ତଦାନ ଶିବିର

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

ନୟାଗଡ଼ ହାଉସିଂ ବୋର୍ଡ ନିକଟ ସୁବର୍ଣ୍ଣଦେଇପୁର ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ପରିସରରେ ବିଦ୍ୟାଳୟର ବିଂଶତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଶ୍ରୀଧର ସାହୁଙ୍କ ନେତୃତ୍ୱରେ ସକାଳ ୧୦ଟା ସମୟରେ ଆୟୋଜିତ ରକ୍ତଦାନ ଶିବିରକୁ ବ୍ଲକ୍ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ଓ ନୟାଗଡ଼ର ପୂର୍ବତନ ଏସିଏଫ ସୁରେଶ ଚନ୍ଦ୍ର ହୋତା ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରେ ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅପରାହ୍ନ ୧ଟାରେ ବିଦ୍ୟାଳୟର ଉପଦେଷ୍ଟା ହରିହର ପାତ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ବକ୍ତବ୍ୟ ଦେଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ, ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ଓ ପୂର୍ବତନ ଏସିଏଫ୍ ସୁରେଶ ଚନ୍ଦ୍ର ହୋତା ମଞ୍ଚାସୀନ ହୋଇ ଉତ୍ତମ ନାଗରିକ ଗଠନରେ ପିତାମାତାଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ।

## 'କଳିକା' ପ୍ରତିଭା ବିକାଶରେ ସାମିଲ ହେଲେ ଛାତ୍ରୀଛାତ୍ର




କଳିକା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ପକାଇଥିବା ମୁରୁଜକୁ ପୋଲିସ ଅଧିକାରୀମାନେ ବୁଲି ଦେଖୁଛନ୍ତି।

ନୟାଗଡ଼,୧୧।୧(ଲୋକନାଥ ମିଶ୍ର)

ନୟାଗଡ ଜିଲା ପୋଲିସ ପକ୍ଷରୁ ରିଜର୍ଭ ପୋଲିସ ପଡ଼ିଆରେ ପ୍ରତିଭା ବିକାଶ କାର୍ଯ୍ୟକ୍ରମ 'କଳିକା' ଶନିବାର ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ ଏସପି ଏସ୍ ସୁଶ୍ରୀ କଳିକା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଟିଏସ ଅଧକ୍ଷ ଭବେଶ କୁମାର ନାୟକ, ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା, ନୟାଗଡ ଏସଡିପିଓ ସୁଦର୍ଶନ ଗାଙ୍ଗାଇ, ଡିଏସପି ଡେଡକ୍ୱାଟର ସୁକାନ୍ତ ପାତ୍ର ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଙ୍ଗୋଲି, କୁଇଜ, ଏକକ ଅଭିନୟରେ ସାଇବର ଅପରାଧ ଅଥବା ସଡକ ସୁରକ୍ଷା ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଙ୍ଗୋଲିରେ ୧୯ ଜଣ ଛାତ୍ରୀଛାତ୍ର, ଏକକ ଅଭିନୟରେ ୧୪ଜଣ ଓ କୁଇଜରେ ୯୪ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ମଞ୍ଚ ପରିଚାଳନା ଶରତ ଚନ୍ଦ୍ର ଆଚାର୍ଯ୍ୟ କରିଥିବାବେଳେ କୁଇଜ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ଚନ୍ଦ୍ର ବିଜୟୀ ମିଶ୍ର। ନୟାଗଡ ଅଗ୍ନିଶମ ବିଭାଗ ପକ୍ଷରୁ ଗ୍ୟାସ ଚୁଲାରେ ନିଆଁ ଲାଗିବା ବନ୍ଦ କରିବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ରଙ୍ଗୋଲିରେ ବିଚାରକ ଭାବେ ଚିତ୍ରଶିଳ୍ପୀ ଉମାଶଙ୍କର ଦାସ ଓ ସୁରେଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ହୋମଗାର୍ଡର ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହନୋଗା, ରିଜର୍ଭ ଇନ୍ସପେକ୍ଟର(ଆରୋ) ବିଜୟ ମୁଦୁଲି, ଡିଆଇବି ଇନ୍ସପେକ୍ଟର ଆରତି କଅଁର, ନୟାଗଡ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ରଙ୍ଗୋଲିରେ ନୟାଗଡ ଆଦର୍ଶ ବିଦ୍ୟାଳୟର ଆଦ୍ୟାଶା ପ୍ରୀୟଦର୍ଶିନୀ, ଏକକ ଅଭିନୟରେ ନୟାଗଡ ଇନ୍‌ସ୍ତାୟାର କଲେଜର ଶିବାନୀ ସାହୁ ଓ କୁଇଜରେ ନୟାଗଡ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଙ୍ଗୀତା ନାୟକ ଓ ପ୍ରତ୍ୟୁଷ ନାୟକ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ।



@ ସୁବ୍ରତ ସବ୍ୟସାଚି



@ ଦୀପକ



@ ନଟବର



@ ସୁଶାନ୍ତ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଣ୍ଠିଲୋ କଂସା ପିତଳ ବାସନ ଷ୍ଟଲ୍‌ରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ




ଖଣ୍ଡପଡ଼ା,୧୧।୧ (ଅଜୟ କୁମାର ମହାରଣା)

ପ୍ରବାସୀ ଭାରତୀୟ ଉତ୍ସବ ଅବସରରେ ଭୁବନେଶ୍ୱର ଜନତା ମଇଦାନରେ ଓରମାସ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ କଣ୍ଠିଲୋ କଂସା ପିତଳ ବାସନ ଏବଂ ନୀଳମାଧବ ସଂସ୍କୃତିର ପ୍ରଦର୍ଶନୀ ବିଦେଶୀ ଭାରତୀୟଙ୍କୁ ବେଶ ଆକୃଷ୍ଟ କରିଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସହ ସେଠାରେ ଥିବା କଣ୍ଠିଲୋର କଂସା ପିତଳ ବାସନ ସାମଗ୍ରୀ ଷ୍ଟଲକୁ ପରିଦର୍ଶନ କରି ପ୍ରଶଂସା କରିଥିଲେ । ଏହି ଅବସରରେ ବିଧାୟକ ସ୍ୱାଇଁ କଂସା ପିତଳ ବାସନ ଶିଳ୍ପ ତଥା କାରିଗରମାନଙ୍କ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ମନ୍ତ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅପରପକ୍ଷେ କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନୀଳମାଧବଙ୍କର ବିକାଶ ଦିଗରେ ଥିବା ଆଗ୍ରହକୁ ଏଠାରେ ଉପସ୍ଥାପିତ କରାଯାଇଥିଲା । ଏ ଅବସରରେ ସେଠାରେ ଉପସ୍ଥିତ ଥିବା ଆନ୍ଧ୍ର ପ୍ରଦେଶ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦୂର ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ତଥା ନୀଳମାଧବ ଗବେଷଣା ପ୍ରତିଷ୍ଠାନର ଅଧକ୍ଷ ଡ. ଭାରତ ଭୂଷଣ ରଥ କଣ୍ଠିଲୋ ଶ୍ରୀ ନୀଳମାଧବଙ୍କ ତତ୍ତ୍ୱ ସମ୍ପର୍କରେ ମନ୍ତ୍ରୀ ପ୍ରଧାନଙ୍କୁ ଅବଗତ କରାଇଥିଲେ । କଂସା ପିତଳ ସାମଗ୍ରୀ ଷ୍ଟଲରେ ଉପସ୍ଥିତ ଥିବା ବରିଷ୍ଠ କାରିଗର ଦଣ୍ଡପାଣି ସାହୁ, ବରିଷ୍ଠ ନାଗରିକ ଅଖିଳ କୁମାର ମହାରଣା, ପ୍ରଫେସର ଡ.ରଥଙ୍କ ସମେତ ଅନ୍ୟାନ୍ୟ କାରିଗରମାନେ କେନ୍ଦ୍ର ମନ୍ତ୍ରୀ ପ୍ରଧାନଙ୍କୁ କଂସା ପିତଳରେ ପ୍ରସ୍ତୁତ ଶ୍ରୀଜଗନ୍ନାଥଙ୍କ ଏକ ବିଗ୍ରହ ଉପହାର ସ୍ୱରୂପ ପ୍ରଦାନ କରିଥିଲେ।

## ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଖଣ୍ଡପଡ଼ା,୧୧।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆରେ ଶନିବାର ଠାରୁ ଆରମ୍ଭ ହୋଇଛି ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ। ଉଦ୍‌ଘାଟନୀ ମ୍ୟାଚରେ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ ଗଙ୍ଗାଧର ଷଡ଼ଙ୍ଗୀ ଓ ସରପଞ୍ଚ ଗୀତାଞ୍ଜଳୀ ଜେନା ଅତିଥି ଭାବେ ଯୋଗଦେଇ ପ୍ରାରମ୍ଭିକ ମ୍ୟାଚକୁ ଉଦ୍ଘଘାଟନ କରିଥିଲେ । ସମ୍ମାନୀତ ଅତିଥି ସମିତି ସଭ୍ୟ ମହେଶ୍ୱର ରାଉତ, ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ । ପ୍ରଥମ ଦିନର ମ୍ୟାଚରେ ବରହମପୁରା କ୍ରିକେଟ କ୍ଲବ ୪ ଉଇକେଟରେ ଫୁଲପଡା କ୍ରିକେଟ୍ କ୍ଲବକୁ ହରାଇ ବିଜୟୀ ହୋଇଥିବା ଜଣାଯାଇଛି । ଟସ୍ ଜିଣି ଫୁଲପଡା ଦଳ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୮ ଉଇକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା । ଜବାବରେ ବରହମପୁରା ଟିମ ୧୪.୧ ଓଭରରେ ୬ ଉଇକେଟ ବିନିମୟରେ ୨୦୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ଅଭୟ ୩ ଓଭରରେ ୪ ଉଇକେଟରେ ୨୦ ରନ ସଂଗ୍ରହ ନକରି ଆଜିର ମ୍ୟାଚରେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବରୁଣ ରାଉତ ଓ ଦିନେଶ କୁମାର ମହାଳିକ ଖେଳକୁ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନବୀକରଣ ଦାବି ଜୋର ଧରିଲା



ଖଣ୍ଡପଡ଼ା,୧୧।୧(ଅଜୟ କୁମାର ମହାରଣା)

କଣ୍ଠିଲୋ-ଖଣ୍ଡପଡ଼ାକୁ ସଂଯୋଗ କରୁଥିବା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ନୀଳକଣ୍ଠପ୍ରସାଦ ଗ୍ରାମ ନିକଟ କୁଆଁରିଆ ସେତୁ ନିକଟରୁ ସରପୋଖରୀ ଗ୍ରାମ ଦେଇ ରୟତ ଢୋଲମରା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ଯାତାୟତ ନିମନ୍ତେ ସ୍ଥାନୀୟ ବାସିନ୍ଦା ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହେବା ସହ ରାସ୍ତା ଉପରୁ ପିଚୁ ଉଠି ଯାଇଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି । ଗତ ୬ବର୍ଷ ତଳେ ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଏହି ରାସ୍ତାର ଉନ୍ନତିକରଣ କରାଯାଇଥିଲା। ମାତ୍ର ରକ୍ଷଣା ବେକ୍ଷଣ ଅଭାବରୁ ଉକ୍ତ ରାସ୍ତା ଏବେ ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି। ଉକ୍ତ ରାସ୍ତା ଉପରେ ସରପୋଖରୀ, କୁଞ୍ଜବେଲ୍ଲୀ, ରାକେଶିଆ, ସେରେଜେଙ୍ଗ, ମଙ୍ଗରାଜପୁରେ, କୋଦୁଆପଲ୍ଲୀ, କନ୍ଧମିରିଗି, ବରପଲ୍ଲୀ, କୁଟୁକୁଣୀ, ମଇଁଷିବିନ୍ଧା, ଢୋଲମରା ପଞ୍ଚାୟତ ଦେଇ ଉକ୍ତ ରାସ୍ତାଟି ଗଣିଆ ବ୍ଲକକୁ ସଂଯୋଗ କରୁଛି । ଖଣ୍ଡପଡା ଓ ଗଣିଆ ୨ଟି ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତାଟିର ଉନ୍ନତିକଣ ସହ ପ୍ରଶସ୍ତୀକରଣ ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ସଂପୃକ୍ତ ଅଞ୍ଚଳର ଶଙ୍କର୍ଷଣ ବିହାରୀ, ସୂର୍ଯ୍ୟକାନ୍ତ ପ୍ରଧାନ, ଗାଣ୍ଟୁ ଦାସ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଦଶପଲ୍ଲା କପ୍ ଫୁଟ୍‌ବଲ : ଫାଇନାଲରେ ମଣିପୁର ଟିମ୍

ଦଶପଲ୍ଲା,୧୧।୧(ପ୍ରକାଶ କୁମାର ପାଣି)

ସ୍ଥାନୀୟ ଗାନ୍ଧୀ ମଇଦାନରେ ଚାଲିଥିବା ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ଖେଳ କଲିକତା ଏବଂ ମଣିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅତ୍ୟନ୍ତ ସଂଘର୍ଷ ପୂର୍ଣ୍ଣ ଖେଳ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ଟ୍ରାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ହେଲେ ସେଥିରେ ମଧ ଉଭୟ ଦଳଙ୍କୁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ଶେଷରେ ବହୁ କଷ୍ଟରେ ମଣିପୁର ଦଳ ୭-୬ ଗୋଲରେ କଲିକତାକୁ ପରାଜିତ କରି ଫାଇନାଲକୁ ଯିବାର ଯୋଗ୍ୟତା ହାସଲ କରିଛି। ଅତିଥି ଭାବେ ଦଶପଲ୍ଲା ବିଡିଓ ଶାରଦା ପ୍ରସନ୍ନ ମହାନ୍ତି ଏବଂ ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ ଯୋଗଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ରେଫରୀ ପ୍ରସନ୍ନ କୁମାର ନାୟକ। ଲାଇନ୍ସରେ ଶ୍ୟାମସୁନ୍ଦର ସାହା, ରବିନ୍ଦ୍ର ନାଥ ନାୟକ ସହଯୋଗ କରିଥିଲେ। ଅନୁଷ୍ଠାନ ସଭାପତି କୁଞ୍ଜବିହାରୀ ମିଶ୍ର, କାର୍ଯ୍ୟ ନିର୍ବାହୀ ସଭାପତି ଦିଲିପ କୁମାର ପଣ୍ଡା, ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ୨ଟି ପର୍ଯ୍ୟାୟରେ ମହିଳା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ଯୁବ ମହୋତ୍ସବ 'ମହକ' ଉଦ୍‌ଘାଟିତ

ଦଶପଲ୍ଲା,୧୧।୧( ପ୍ରକାଶ କୁମାର ପାଣି)

ଦଶପଲ୍ଲା ତ୍ରିନାଥ ବଜାର ନିକଟରେ ଥିବା ସୀତାରାମ ୟୁଥ କ୍ଲବ ତରଫରୁ ଶନିବାର ଆରମ୍ଭ ହୋଇଛି ଯୁବ ମହୋତ୍ସବ 'ମହକ'। ଉଦଘାଟନ ଉତ୍ସବର ପ୍ରାରମ୍ଭରେ ଦଶପଲ୍ଲାର ଆରାଧ ଦେବ ଶ୍ରୀମହାବୀରଙ୍କ ଆଜ୍ଞା ମାଳ ଆଣି ଏକ ବିଶାଳ ଶୋଭାଯାତ୍ରା ବାହାରି ତ୍ରିନାଥ ବଢ଼ାରସ୍ଥିତ ମହକ ମୈଦାନ ପର୍ଯ୍ୟନ୍ତ ଆସିଥିଲା। ଏଥିସହିତ ଦେଶର ଯବାନମାନଙ୍କ ଉଦ୍ଦେଶ୍ୟରେ ୪୦୦ମିଟର ତ୍ରିରଙ୍ଗା ଧରି ଶୋଭାଯାତ୍ରା ମଧ କରାଯାଇଥିଲା । ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଦଶପଲ୍ଲା ଥାନା ଅଧିକାରୀ ଅନୀତା ସାହୁ, ବ୍ଲକ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ,ଜଳିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ଶତପଥୀ,ବନପାଳ ଶ୍ରବଣ କୁମାର ବଳିଆର ସିଂ ପ୍ରମୁଖ ଯୋଗଦାନ କରିଥିଲେ। ଦିନତମାମ ବିଭିନ୍ନ ପ୍ରତିଯୋଗିତା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ, ସମ୍ମାନୀତ ଅତିଥି ଭାବେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ଯୁବ ଉଦ୍ୟୋଗୀ ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସାହିତ୍ୟିକ ହାଡିବନ୍ଧୁ ମହାଖୁଡ଼ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଚନ୍ଦନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




'ମହକ'ର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

